ରଣ ତଥା ବନ୍ଧକ ଚୁକ୍ତି

ଏହି ଚୁକ୍ତି ସେହି ବ୍ୟକ୍ତିମାନଙ୍କ ମଧ୍ୟରେ ____________________ଠାରେ__________ତାରିଖରେ କରାଯାଇଛି, ଯାହାଙ୍କର ନାମ(ଗୁଡିକ) ଏବଂ ଠିକଣା(ଗୁଡିକ) ପ୍ରଥମ ଭାଗର ଅନୁସୂଚୀରେ (ଏହାପରେ "ରଣକର୍ତ୍ତା" କୁହାଯାଇଛି) ଉଲ୍ଲେଖିତ ହୋଇଛି, ପ୍ରତିଶ୍ରୁତି ଦେଉଥିବା ବ୍ୟକ୍ତି ବା ଗ୍ୟାରେଣ୍ଟର(ମାନେ), ଯାହାଙ୍କର ବିବରଣୀ ଦ୍ୱିତୀୟ ଭାଗର ଅନୁସୂଚୀରେ ଉଲ୍ଲେଖ କରାଯାଇଛି, ଏହାପରେ ଗ୍ୟାରେଣ୍ଟର(ମାନେ) କୁହାଯାଇଛି ଏବଂ ଏମ୍/ଏସ୍ ବୁସନ୍ ଅଟୋ ଫାଇନାନ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (Bussan Auto Finance India Private Limited), ଏକ କମ୍ପାନୀ, ଯାହାକି କମ୍ପାନୀ ଆଇନ୍, 1956 ଅଧୀନରେ ଅନ୍ତର୍ଭୁକ୍ତ ହୋଇଛି ଏବଂ RBI ଆଇନ୍, 1934 ଅଧୀନରେ ଏକ ଅଣ ବ୍ୟାଙ୍କିଂ ଆର୍ଥିକ କମ୍ପାନୀ ଭାବେ ପଞ୍ଜିକୃତ ହୋଇଛି, ଯାହାର ପଞ୍ଜିକୃତ ଏବଂ ମୁଖ୍ୟ କାର୍ଯ୍ୟାଳୟ ଯଥାକ୍ରମେ - 4ର୍ଥ ମହଲା ଭିଡିଓକନ୍ ଟାୱାର, E-1, ଝଣ୍ଡେୱାଲନ୍ ଏକ୍ସଟେନସନ୍, ନୂଆଦିଲ୍ଲୀ-110055, ଭାରତରେ ରହିଛି ଏବଂ ଏହାର ଗୋଟିଏ ଶାଖା କାର୍ଯ୍ୟାଳୟ ତୃତୀୟ ଭାଗର ଅନୁସୂଚୀରେ ଉଲ୍ଲେଖିତ (ଏହାପରେ "BAF" କୁହାଯାଇଛି) ସ୍ଥାନରେ ରହିଛି।

ପ୍ରକାଶିତ ଶବ୍ଦଗୁଡିକ ଯଥା "ରଣକର୍ତ୍ତା", "ଗ୍ୟାରେଣ୍ଟର" ଏବଂ "BAF", ପ୍ରସଙ୍ଗ ସହିତ ବିରୋଧାତ୍ମକ ନହେଲେ, ସେମାନଙ୍କର ଆଇନଗତ ଉତ୍ତରାଧିକାରୀ, ପ୍ରତିନିଧି, ଉତ୍ତରାଧିକାରୀ, କାର୍ଯ୍ୟନିର୍ବାହୀ ବା ଏକଜିକ୍ୟୁଟିଭ୍, ପରିଚାଳକ ଏବଂ ଗ୍ରହୀତା ଇତ୍ୟାଦିଙ୍କୁ ଅନ୍ତର୍ଭୁକ୍ତ କରିବ।

ପରନ୍ତୁ ରଣକର୍ତ୍ତା(ମାନେ), "ଗ୍ୟାରେଣ୍ଟର(ମାନେ) ଅନୁସୂଚୀରେ ଉଲ୍ଲେଖ କରାଯାଇଥିବା ଉଦ୍ଦେଶ୍ୟରେ ବିଶେଷ ରୂପେ ବର୍ଣ୍ଣିତ ଓ ପ୍ରକାଶିତ ଯାନ କ୍ରୟ କରିବା ପାଇଁ ଅର୍ଥ ବ୍ୟବସ୍ଥା/ରଣ ସୁବିଧା (ଏହାପରେ "ରଣ ସୁବିଧା" କୁହାଯାଇଛି) ପାଇଁ "BAF" ନିକଟକୁ ଯାଇଛନ୍ତି ଏବଂ ଅନୁରୋଧ କରିଛନ୍ତି ଏବଂ "BAF" ଅନୁସୂଚୀରେ ଉଲ୍ଲେଖିତ ପ୍ରକାରେ ଏଠାରେ ଏହି ରଣ ତଥା ବନ୍ଧକ ଚୁକ୍ତିରେ ସୂଚିତ ହୋଇଥିବା ଚୁକ୍ତି ଓ ସର୍ତ୍ତାବଳୀ ଅନୁସାରେ ସୀମା(ଗୁଡିକ) ପର୍ଯ୍ୟନ୍ତ ରଣ ପ୍ରଦାନ କରିବାକୁ ରାଜି ହୋଇଛନ୍ତି।

ବର୍ତ୍ତମାନ ଏହା ନିମ୍ନମତେ ପକ୍ଷଗୁଡିକ ଦ୍ୱାରା ଏବଂ ମଧ୍ୟରେ ସହମତି ହୋଇଛି:

1. ସଂଜ୍ଞା ଏବଂ ବ୍ୟାଖ୍ୟା

1.1 ଏହି ଚୁକ୍ତିରେ, ନିମ୍ନଲିଖିତ ଅର୍ଥ ପ୍ରଯୁଜ୍ୟ:

"ଚୁକ୍ତି" ଅର୍ଥ ହେଉଛି ଅନୁସୂଚୀରେ ସବିଶେଷ ଭାବେ ବର୍ଣ୍ଣିତ ଯାନ ବିପକ୍ଷରେ ରଣ ସୁବିଧା ମଞ୍ଜୁର ପାଇଁ ଏହି ରଣ ଚୁକ୍ତି ଏବଂ ଏହି ଚୁକ୍ତି ସମ୍ପର୍କରେ କାର୍ଯ୍ୟକାରୀ ହୋଇଥିବା ଦଲିଲ ବା ଡକ୍ୟୁମେଣ୍ଟଗୁଡିକ ଅନ୍ତର୍ଭୁକ୍ତ କରିଥାଏ।

"BAF" ଅର୍ଥ ହେଉଛି ବୁସନ୍ ଅଟୋ ଫାଇନାନ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (Bussan Auto Finance India Private Limited), ଏକ କମ୍ପାନୀ ଯାହାକି କମ୍ପାନୀ ଆଇନ୍, 1956 ଅଧୀନରେ ଅନ୍ତର୍ଭୁକ୍ତ ହୋଇଛି ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଏକ ଅଣବ୍ୟାଙ୍କିଂ ଆର୍ଥିକ ପ୍ରତିଷ୍ଠାନର ବ୍ୟବସାୟ ଚଳାଇବା ପାଇଁ ଏକ ପଞ୍ଜିକରଣ ପ୍ରମାଣପତ୍ର ଜାରି କରାଯାଇଛି ଏବଂ ଏହାର ପଞ୍ଜିକୃତ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ରହିଛି ଯାହାକି ଅନୁସୂଚୀରେ ଉଲ୍ଲେଖିତ ସ୍ଥାନରେ ଥିବା ଏହାର ଶାଖା କାର୍ଯ୍ୟାଳୟ ମାଧ୍ୟମରେ କାର୍ଯ୍ୟ କରୁଛି।

"ରଣକର୍ତ୍ତା" ଅର୍ଥ ହେଉଛି ଜଣେ କିମ୍ବା ଅଧିକ ବ୍ୟକ୍ତି(ମାନେ)/ ସଂସ୍ଥା ଯାହାର ନାମ(ଗୁଡିକ) ଏବଂ ଠିକଣା(ଗୁଡିକ) ଚୁକ୍ତି ଅନୁସୂଚୀରେ ପ୍ରକାଶିତ ହୋଇଛି, ଯିଏକି ରଣ ସୁବିଧା ପ୍ରାପ୍ତ କରୁଛନ୍ତି, ରଣକର୍ତ୍ତା ଭାବେ ଏହି ଚୁକ୍ତିଟି କାର୍ଯ୍ୟ ନିର୍ବାହ କରୁଛି ଏବଂ ପ୍ରତ୍ୟେକଟି ଏହି ଚୁକ୍ତି ବ୍ୟକ୍ତିଗତ ଭାବେ କରିଥିବା ବିବେଚନା କରାଯାଇଛି ଏବଂ ଜଣକରୁ ଅଧିକ ହୋଇଥିବା କ୍ଷେତ୍ରରେ, ସେମାନେ ସମସ୍ତେ ଯୁଗ୍ମ ଓ ପୃଥକ୍ ଭାବରେ ଏହା ଅନ୍ତର୍ଗତ ଦେୟତା ପାଇଁ ରାଜି ହେଉଛନ୍ତି।

"ଗ୍ୟାରେଣ୍ଟର୍" ଅର୍ଥ ହେଉଛି ଜଣେ କିମ୍ବା ଅଧିକ ବ୍ୟକ୍ତି(ଗଣ)/ ସଂସ୍ଥା ଯାହାଙ୍କର ନାମ(ଗୁଡିକ) ଏବଂ ଠିକଣା(ଗୁଡିକ) ଚୁକ୍ତି ଅନୁସୂଚୀରେ ପ୍ରକାଶିତ ହୋଇଛି, ଯିଏକି ରଣ ସୁବିଧା ପରିଶୋଧ କରିବା ପାଇଁ ଏବଂ ରଣକର୍ତ୍ତାଙ୍କ ଦ୍ୱାରା ଏହି ଚୁକ୍ତି ଅନ୍ତର୍ଗତ ଦାୟିତ୍ୱଗୁଡିକର ସମ୍ପାଦନ କରିବା ପାଇଁ ପ୍ରତିଶ୍ରୁତି ବା ଗ୍ୟାରେଣ୍ଟି ପ୍ରଦାନ କରୁଛନ୍ତି ଏବଂ ସେ ନିଜେ(ପୁ/ମ)/ ନିଜକୁ ଗ୍ୟାରେଣ୍ଟର୍ ଭାବେ ଏହି ଚୁକ୍ତି କାର୍ଯ୍ୟ କରୁଛନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତିଗତ ଭାବେ ଏହି ଚୁକ୍ତି କରିଥିବା ବିବେଚନା କରାଯାଇଥାଏ ଏବଂ ଜଣକରୁ ଅଧିକ ହୋଇଥିବା କ୍ଷେତ୍ରରେ, ସେମାନେ ସମସ୍ତେ ନିଜ ସହିତ ଏବଂ ରଣକର୍ତ୍ତା(ମାନେ)ଙ୍କ ସହ ଯୁଗ୍ମ ଓ ପୃଥକ୍ ଭାବରେ ଏହା ଅନ୍ତର୍ଗତ ଦେୟତା ପାଇଁ ରାଜି ହୋଇଛନ୍ତି।

"ରଣ ପ୍ରଦାନକାରୀ ଶାଖା" ଅର୍ଥ ହେଉଛି ଅନୁସୂଚୀରେ ଉଲ୍ଲେଖିତ ସ୍ଥାନରେ ଥିବା "BAF" ର ଶାଖା କାର୍ଯ୍ୟାଳୟ।

"EMI" କିମ୍ବା "ସମୀକରଣଯୁକ୍ତ ମାସିକ କିସ୍ତି" ଅର୍ଥ ହେଉଛି ପ୍ରତି ମାସ ରଣକର୍ତ୍ତାଙ୍କ ଦ୍ୱାରା "BAF" କୁ ଦେୟଯୋଗ୍ୟ ଅର୍ଥରାଶି ଯାହାକି ସୁଧ ଉପାଂଶ ଏବଂ ମୂଳ ଧନ ନେଇ ଗଠିତ ହୋଇଥାଏ ଯାହା ମୋଟ ଦେୟଯୋଗ୍ୟ ରାଶିକୁ (ମୂଳଧନ ଏବଂ ରଣ ସୁବିଧାର ଅବଧି ପାଇଁ ଅର୍ଜିତ ସୁଧ, ସମ୍ମତ ସୁଧ ହାରରେ, ଦୈନିକ ଆଧାରରେ ହିସାବ କରାଯାଇଥାଏ ଏବଂ ମାସିକ ସୁଧରେ ଲାଗୁ କରାଯାଇଥାଏ) ମୋଟ ସଂଖ୍ୟକ କିସ୍ତିରେ ଭାଗ କରିବା ଦ୍ୱାରା ମିଳିଥାଏ, ଯାହାକି ଅନୁସୂଚୀରେ ଦର୍ଶାଯାଇଛି ଏବଂ ପରବର୍ତ୍ତୀ ଟଙ୍କାକୁ ମୋଟ ରୂପେ ପରିଣତ କରାଯାଇଥାଏ।

"ରଣ ସୁବିଧା" ଅର୍ଥ ହେଉଛି ରଣ(ଗୁଡିକ)/ଅର୍ଥ ବ୍ୟବସ୍ଥା ବା ଫାଇନାନ୍ସ ସୁବିଧା ଯାହା "BAF" ଦ୍ୱାରା ଏହି ଚୁକ୍ତି ପରିପ୍ରେକ୍ଷୀରେ ଅନୁସୂଚୀରେ ସବିଶେଷ ରୂପେ ବର୍ଣ୍ଣିତ ଯାନ କ୍ରୟ କରିବା ପାଇଁ ଅନୁମୋଦିତ/ମଞ୍ଜୁରପ୍ରାପ୍ତ ହୋଇଥାଏ: ଏବଂ ଏହି ଅଭିବ୍ୟକ୍ତି ବା ପ୍ରକାଶିତ ଶବ୍ଦ "ରଣ ବା ଲୋନ୍" ଏହା ମଧ୍ୟ ପ୍ରକାଶ କରିବ ବା ହେବ ଯଦି ପ୍ରସଙ୍ଗ ଆବଶ୍ୟକ କରିବ ତେବେ ଏହା ମଧ୍ୟ ଏହି ଚୁକ୍ତିର ଧାରାକୁ ପ୍ରୟୋଗ କରିବା ପରେ ଅର୍ଜିତ ସମସ୍ତ ବକେୟା ଅର୍ଥ ଏବଂ ଏହା ଅଧୀନରେ ରଣ ସୁବିଧାର ବକେୟା ମୂଳଧନ ରାଶିକୁ ବୁଝାଇବ ଏବଂ ଅନ୍ତର୍ଭୁକ୍ତ କରିବ,

"ବିଚ୍ୟୁତି ବା ଡିଫଲ୍ଟ ସୁଧ ହାର" ହେଉଛି ଡିଫଲ୍ଟ ହୋଇଥିବା EMI ଉପରେ ବର୍ଦ୍ଧିତ ସୁଧ ହିସାବ କରିବା ପାଇଁ ସମ୍ମତ ସୁଧ ହାର ଏବଂ ରଣ ଖାତା ବା ଲୋନ୍ ଏକାଉଣ୍ଟକୁ ଲାଗୁ ହେଉଥିବା ଅନ୍ୟ ଦେୟ, ମୂଲ୍ୟ, ଫି ଏବଂ ବ୍ୟୟ ଇତ୍ୟାଦି ଯାହା ରଣକର୍ତ୍ତାଙ୍କ ଦ୍ୱାରା ଅନୁସୂଚୀରେ ଦର୍ଶାଯାଇଥିବା ପ୍ରକାରେ "BAF" କୁ ଦେୟ ଦେବାକୁ ଥିବା ଧାର୍ଯ୍ୟ ରାଶି ଏବଂ ଦେୟଯୋଗ୍ୟ ରାଶି ପ୍ରଦାନ କରିବା ବିଫଳତା ଯୋଗୁଁ ହୋଇଥାଏ।

"ପକ୍ଷଗୁଡିକ" ଅର୍ଥ ହେଉଛି "BAF" ଏବଂ ରଣକର୍ତ୍ତା ଯାହାକି ସାମୂହିକ ଭାବେ ଦର୍ଶାଯାଇଛି।

"ଯାନ" ଅର୍ଥ ହେଉଛି ଯାନ ଯାହାକି ଏହି ଚୁକ୍ତିରେ ଥିବା ଅନୁସୂଚୀରେ ସବିଶେଷ ରୂପେ ବର୍ଣ୍ଣନା କରାଯାଇଥାଏ, ଯାହା କ୍ରୟ କରିବା ପାଇଁ, "BAF" ଦ୍ୱାରା ରଣ ସୁବିଧା ମଞ୍ଜୁର କରାଯାଇଥାଏ।

"ଅନୁସୂଚୀ" ଅର୍ଥ ହେଉଛି ଏହି ଚୁକ୍ତିର ଅନୁସୂଚୀ।

1.2 ଏହି ଚୁକ୍ତିରେ, ଏକବଚନ ବହୁବଚନକୁ ଅନ୍ତର୍ଭୁକ୍ତ କରିବ ଏବଂ ପୁଲିଙ୍ଗ ସ୍ତ୍ରୀଲିଙ୍ଗ କିମ୍ବା କ୍ଲିବ ଲିଙ୍ଗକୁ ବିବେଚନା କରିବ ଯେପରି ପ୍ରସଙ୍ଗ ଆବଶ୍ୟକ କରିଥାଏ।

1.3 ଏଠାରେ ବ୍ୟାଖ୍ୟା କରାଯାଇନଥିବା କୌଣସି ଅଭିବ୍ୟକ୍ତି, ଯଦି ସାଧାରଣ ଧାରା ଆଇନ୍, 1897 ଅଧୀନରେ ବ୍ୟାଖ୍ୟା କରାଯାଏ ଉକ୍ତ ଆଇନ୍ ଅଧୀନରେ ଏହାକୁ ନ୍ୟସ୍ତ କରାଯାଇଥିବା ସେହି ଏକା ଅର୍ଥ ବହନ କରିବ।

1.4 ଏହି ଚୁକ୍ତିରେ ଥିବା ଧାରାଗୁଡିକର ବ୍ୟବସ୍ଥା ସେଗୁଡିକର ବ୍ୟାଖ୍ୟା ଉପରେ କୌଣସି ବାହ୍ୟ ଅର୍ଥ ବହନ କରିବ ନାହିଁ। ଧାରା ଶିରୋନାମାଗୁଡିକ କେବଳ ସୁବିଧା ପାଇଁ ଅନ୍ତର୍ନିବିଷ୍ଟ କରାଯାଇଥାଏ ଏବଂ ଏହା ସମ୍ବନ୍ଧରେ ବ୍ୟବସ୍ଥାଗୁଡିକର ବ୍ୟାଖ୍ୟାକୁ ପ୍ରଭାବିତ କରିବ ନାହିଁ।

2. ରଣ କରିବାକୁ ରଣ ଏବଂ ରଣକର୍ତ୍ତାଙ୍କ ପାଇଁ "BAFର" ଚୁକ୍ତି

2.1 ରଣ ସୁବିଧା ପାଇଁ ଆବେଦନରେ ନିହିତ ରଣକର୍ତ୍ତା ଏବଂ ଗ୍ୟାରେଣ୍ଟର ଉପସ୍ଥାପନା, ୱାରେଣ୍ଟି, ଚୁକ୍ତିପତ୍ର ଏବଂ ଅଙ୍ଗୀକାରଗୁଡିକ ଏବଂ ରଣ ସୁବିଧା ସମ୍ପର୍କରେ ରଣକର୍ତ୍ତାଙ୍କ ଦ୍ୱାରା ସଂଯୁକ୍ତ ଅନୁରୋଧ କାର୍ଯ୍ୟକାରୀ କିମ୍ବା ପ୍ରଦାନ କରାଯାଇଥିବା ଦଲିଲ ବା ଡକ୍ୟୁମେଣ୍ଟ ଆଧାରରେ, "BAF" ରଣକର୍ତ୍ତାଙ୍କୁ ରଣ ଦେବା ପାଇଁ ରାଜି ହୋଇଛନ୍ତି ଏବଂ ରଣକର୍ତ୍ତା "BAF" ଠାରୁ ଯାନ କ୍ରୟ ଉଦ୍ଦେଶ୍ୟରେ ରଣ କରିବାକୁ, ଏହି ଚୁକ୍ତି ଏବଂ ଅନୁସୂଚୀରେ ରହିଥିବା ସମ୍ପୂର୍ଣ୍ଣ ଭାବରେ ନିୟମ ଏବଂ ସର୍ତ୍ତାବଳୀ ଉପରେ ରଣ ସୁବିଧା ପାଇଁ ସମ୍ମତ ହୋଇଛନ୍ତି।

2.2 ରଣ ପ୍ରଦାନକାରୀ ଏବଂ ରଣକର୍ତ୍ତା ଭାବେ "BAF" ଏବଂ ରଣକର୍ତ୍ତାଙ୍କ ମଧ୍ୟରେ ସମ୍ପର୍କ ଏହି ଚୁକ୍ତି ତାରିଖ ଠାରୁ ଆରମ୍ଭ ହେବ ଏବଂ ରଣକର୍ତ୍ତାଙ୍କ ପକ୍ଷରୁ କୌଣସି ବିଚ୍ୟୁତି ବା ଡିଫଲ୍ଟ କାରଣରୁ BAF ଦ୍ୱାରା ସମାପ୍ତ କିମ୍ବା ନିର୍ଣ୍ଣିତ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ ଏବଂ ଏହି ଚୁକ୍ତି ଅଧୀନରେ ଓ ଏଥି ସହିତ ଅନୁବର୍ତ୍ତୀ ସମସ୍ତ ଦଲିଲରେ ରଣକର୍ତ୍ତାଙ୍କ ଦ୍ୱାରା "BAF" କୁ ସମସ୍ତ ଧାର୍ଯ୍ୟ ଅର୍ଥରାଶି ଏବଂ ଦେୟଯୋଗ୍ୟ ରାଶି ପ୍ରଦାନ ନ କରାଯିବା ପର୍ଯ୍ୟନ୍ତ ଏବଂ ରଣକର୍ତ୍ତାଙ୍କ ଦ୍ୱାରା "BAF" କୁ ସମ୍ପୂର୍ଣ୍ଣ ରୂପେ ପ୍ରଦାନ ଏବଂ ଏହା ଦ୍ୱାରା ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ରଣକର୍ତ୍ତାଙ୍କର ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ଜାରି ରଖିବ।

3. ରଣ/ଫାଇନାନ୍ସ ସୁବିଧାର ମଞ୍ଜୁରୀ-

ଅନ୍ୟଥା ରଣକର୍ତ୍ତା ଏବଂ "BAF" ମଧ୍ୟରେ ସହମତି ନହେଲେ, "BAF" ରଣ ସୁବିଧା ରଣକର୍ତ୍ତାଙ୍କୁ ରଣ ସୁବିଧା ମଞ୍ଜୁର କରିବ ଏବଂ ରଣ ରାଶି ମୋଟା ଆକାରରେ କିମ୍ବା ଉପଯୁକ୍ତ କିସ୍ତିରେ ବଣ୍ଟନ/ମୁକ୍ତ କରିବ, ଯାହାକି "BAF" ଦ୍ୱାରା, ଯୋଗାଣକାରୀ ବା ସପ୍ଲାଏର୍/ଡିଲର୍ ନାମରେ କିମ୍ବା ରଣକର୍ତ୍ତାଙ୍କ ପାଇଁ ଏବଂ ପକ୍ଷରୁ ସପ୍ଲାଏର୍/ଡିଲରଙ୍କ ସହିତ ପାରସ୍ପରିକ ବ୍ୟବସ୍ଥାପନ/ବନ୍ଦୋବସ୍ତ ଅନୁଯାୟୀ ହୋଇଥାଏ ଏବଂ ଏକ ରସିଦ ହାସଲ କରିଥାନ୍ତି ଏବଂ ରଣ ତଥା ବନ୍ଧକ ଚୁକ୍ତି ରଣକର୍ତ୍ତାଙ୍କୁ ଯାନ ବିତରଣ ସହିତ ଏକା ସାଙ୍ଗରେ କାର୍ଯ୍ୟକାରୀ କରାଯିବ।

3.1 "BAF" ରଣ ସୁବିଧା ମଞ୍ଜୁର କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଥାଏ ଏବଂ ସାଧାରଣତଃ ରଣ ଅନ୍ତର୍ଗତ କୌଣସି ରଣ ରାଶିକୁ ଛାଡ଼ କରିବ ନାହିଁ ନତୁବା :-

- କ. ରଣ ତଥା ବନ୍ଧକ ଚୁକ୍ତି ଉଚିତ ରୂପେ କାର୍ଯ୍ୟକାରୀ କରାଯାଇଛି ଏବଂ ରଣକର୍ତ୍ତାଙ୍କ ଦ୍ୱାରା "BAF"ଙ୍କୁ ପ୍ରଦାନ କରାଯାଇଛି:
- ଖ. ରଣକର୍ତ୍ତା "BAF"କୁ କିସ୍ତି ପରିଶୋଧ ନିମନ୍ତେ ପରବର୍ତ୍ତୀ ତାରିଖ ପଡିଥିବା ଚେକ୍ ଦାଖଲ କରିଛନ୍ତି
- ଗ. ଅନ୍ୟ କୌଣସି ଡକ୍ୟୁମେଣ୍ଟ କିମ୍ବା ଲେଖା ଯାହା "BAF" ଏହାର ନିଜସ୍ୱ ଅଧିକାର ବଳରେ ଆବଶ୍ୟକ କରିପାରେ।

4. ସୁଧ ଏବଂ ରଣ ଖାତା

4.1 ରଣକର୍ତ୍ତା ଏହି ଚୁକ୍ତିର ଅନୁସୂଚୀ ଅନୁସାରେ ରଣ ଉପରେ ସୁଧ ପ୍ରଦାନ କରିବାକୁ ରାଜି ହୋଇଛନ୍ତି।

4.2 ରଣ/ଫାଇନାନ୍ସ ସୁବିଧା ଉପରେ ସୁଧ ରଣକର୍ତ୍ତାଙ୍କୁ ଯାନ ବିତରଣ ହେବା ସହିତ ଏକା ସଙ୍ଗରେ ଚୁକ୍ତି ତାରିଖ ପର ଠାରୁ ବଢିବା ଆରମ୍ଭ ହେବ।

4.3 ରଣ ରାଶି ଉପରେ ସୁଧ ଆଭ୍ୟନ୍ତରୀଣ ରିଟର୍ନ୍ ହାର ଉପରେ ଆଧାର କରି ମାସିକ ହାରରେ ହିସାବ କରାଯିବ।

4.4 କେବଳ ମାତ୍ର ରଣକର୍ତ୍ତା ସେବା ଦେୟ, ପ୍ରକ୍ରିୟାକରଣ ଖର୍ଚ୍ଚ ବା ପ୍ରୋସେସିଂ ଫି ଏବଂ ଅନ୍ୟ ଯେକୌଣସି ଫି, ଉପକର, ଦେୟ କିମ୍ବା ଟିକସ, ଯେଉଁ ନାମରେ କୁହାଯାଇଥାଏ ଯଥା ସେବା କର, ଯଦି ଥାଏ, ତାହା ବହନ କରିବେ ଏବଂ ତାହା BAF ଦ୍ୱାରା ବହନ କରାଯିବା ଘଟଣାରେ, ରଣକର୍ତ୍ତା "BAF" କୁ ପୃଥକ୍ ଭାବେ ପ୍ରତିପୂରଣ କରିବା ପାଇଁ ରାଜି ହୋଇଛନ୍ତି

4.5 "BAF" ଏହି ଚୁକ୍ତି ଅଧୀନରେ ରଣକର୍ତ୍ତାଙ୍କ ଦ୍ୱାରା ଦେୟ ଦେବାକୁ ଥିବା ସମସ୍ତ ଅର୍ଥ ରାଶି ଏବଂ ଦେୟଯୋଗ୍ୟ ଅର୍ଥ ରଣକର୍ତ୍ତାଙ୍କ ରଣ ଖାତା ବା ଲୋନ୍ ଏକାଉଣ୍ଟକୁ ଲାଗୁ/ଡେବିଟ୍ କରିବାକୁ ହକଦାର୍ ହେବେ (ଅନ୍ତର୍ଭୁକ୍ତ କରି କିନ୍ତୁ ସୀମିତ ନୁହେଁ ସୁଧ କର, ଫି, ଚାର୍ଜ୍, ଷ୍ଟାମ୍ପ ଡ୍ୟୁଟି, ପ୍ରୋସେସିଂ ଫି, ଲଗଇନ୍ ଫି, ଖର୍ଚ୍ଚ, ସେବା/ଏବଂ ଅନ୍ୟ ଦେୟ/ବ୍ୟୟ ଯାହା ପ୍ରଦତ୍ତ ରଣ ସୁବିଧା ସମ୍ପର୍କରେ "BAF" ସମ୍ମୁଖୀନ ହୋଇଛନ୍ତି), ତାହା ରଣକର୍ତ୍ତାଙ୍କ ଠାରୁ "BAF" ଦ୍ୱାରା ଆଗୁଆ ସଂଗୃହିତ/କ୍ଷତିପୂର୍ତ୍ତି କରାଯାଇନଥିଲେ। ଏହିଭଳି ଅର୍ଥରାଶି ରଣର ଅଂଶବିଶେଷ ହେବ।

4.6 ଦେୟ ପ୍ରଦାନ ପାଇଁ ଡିଫଲ୍ଟରେ ଥିବା ସମସ୍ତ ରାଶି (ତାହା ହେଉଛି ରଣକର୍ତ୍ତାଙ୍କ ଦ୍ୱାରା "BAF" କୁ ଦେୟ ଦେବାକୁ ଧାର୍ଯ୍ୟ ହୋଇଥିବା ସମୟରେ ପ୍ରଦାନ କରାଯାଇନାହିଁ) ଯଥା EMI ର ବାକି ଦେୟ, ଖର୍ଚ୍ଚ, ଦେୟ, ଫି, ବ୍ୟୟ ଇତ୍ୟାଦି ରଣ ଏକାଉଣ୍ଟକୁ ଦେୟ ଲାଗୁ କରାଯାଇଥାଏ ହୋଇଥାଏ, ତାହା ଉପରେ ଡିଫଲ୍ଟ ସୁଧ ହାର/ଦେୟ ଲାଗୁ ହେବ, ଏହିଭଳି ସୁଧ ଓ ଦଣ୍ଡ ଦେୟ ଲାଗୁ କରିବାର କାରଣ ଦର୍ଶାଇବାର କୌଣସି ଆବଶ୍ୟକତା ନାହିଁ।

5. ପରିଶୋଧ

5.1 ରଣ ପରିଶୋଧ (ଯଥା ମୂଳଧନ, ତାହା ଉପରେ ସୁଧ ଏବଂ ଅନ୍ୟ କୌଣସି ଦେୟ, ପ୍ରିମିୟମ୍, ଫି, କର, ଶୁଳ୍କ କିମ୍ବା ଅନ୍ୟ ବକେୟା ରାଶି ଯାହା ରଣକର୍ତ୍ତାଙ୍କ ଦ୍ୱାରା "BAF" କୁ ଚୁକ୍ତି ପରିପ୍ରେକ୍ଷୀରୀ ଦେୟଯୋଗ୍ୟ ହୋଇଥାଏ) ରଣକର୍ତ୍ତାଙ୍କ ଦ୍ୱାରା କରାଯିବ :-

କ. ସମୀକରଣଯୁକ୍ତ ମାସିକ କିସ୍ତି (EMI) ମାଧ୍ୟମରେ ତାହା ହେଉଛି ପରବର୍ତ୍ତୀ ତାରିଖ ପଡିଥିବା ଚେକ୍/ECS, ଅନୁସୂଚୀରେ ଉଲ୍ଲେଖିତ ମୂଳଧନ ଏବଂ ସୁଧର ପରିଶୋଧ ନିମନ୍ତେ; ରଣକର୍ତ୍ତା(ଗଣ) ରଣ ପରିଶୋଧ ପାଇଁ ପରବର୍ତ୍ତୀ ତାରିଖରେ ଚେକ୍/ECS ଅଧିକାର ପତ୍ର ଦେବା ପାଇଁ ରାଜି ହୋଇଛନ୍ତି ଏବଂ ଏହି ବିଷୟର ପୂର୍ଣ୍ଣ ରୂପେ ଅବଗତ ହୋଇଛନ୍ତି ଯେ ଚେକ୍/ECS ମ୍ୟାଣ୍ଡେଟ୍‌ର ଅସମ୍ମାନ ଆଇନ୍ ଅନ୍ତର୍ଗତ ଏକ ଦଣ୍ଡନୀୟ ଅପରାଧ ଅଟେ। ରଣକର୍ତ୍ତା ତାଙ୍କର(ପୁ/ମ) ବ୍ୟାଙ୍କ ଏକାଉଣ୍ଟ ବଜାୟ ରଖିବାକୁ ଏବଂ ରଣ ତଥା ବନ୍ଧକ ଚୁକ୍ତି ବଳବତ୍ତର ଥିବା ସମୟରେ ବ୍ୟାଙ୍କ ଏକାଉଣ୍ଟ ବନ୍ଦ ନ କରିବାକୁ ଅଙ୍ଗୀକାର କରିଛନ୍ତି;

ଖ. ଅଗ୍ରାହ୍ୟ ଚେକ୍ ବଦଳରେ କିମ୍ବା ECS ମ୍ୟାଣ୍ଡେଟକୁ ସମ୍ମାନ ନ ଦେବା ପରିପ୍ରେକ୍ଷୀରେ ନଗଦ ଅର୍ଥ ଆକାରରେ କିମ୍ବା ଅନ୍ୟଥା ଶାଖାରେ (କିମ୍ବା "BAF" ଦ୍ୱାରା ସୂଚିତ ହୋଇଥିବା ପ୍ରକାର ଅନ୍ୟ କୌଣସି ସ୍ଥାନରେ)

5.2 ରଣକର୍ତ୍ତା EMI ଗୁଡିକ ଏବଂ ଅନ୍ୟ ଦେୟ, ଖର୍ଚ୍ଚ, ଫି, ବ୍ୟୟ ଇତ୍ୟାଦି ଯାହା ରଣ ଏକାଉଣ୍ଟକୁ ଚାର୍ଜଯୁକ୍ତ ହୋଇଛି ତାହା ରଣ ଅଧୀନରେ ସମସ୍ତ ବକେୟା ରାଶି ପୂର୍ଣ୍ଣ ରୂପେ "BAF" କୁ ପରିଶୋଧ ନହେବା ପର୍ଯ୍ୟନ୍ତ ପ୍ରଦାନ କରିବା ଜାରି ରଖିବାକୁ ରାଜି ହୋଇଛନ୍ତି।

5.3 ରଣ ପରିଶୋଧ ଅନୁସୂଚୀ ଅନୁଯାୟୀ ଏହି ପରିଶୋଧ ରଣକର୍ତ୍ତାଙ୍କୁ ଯାନ ବିତରଣ ହେବାର ତୁରନ୍ତ ପରେ ଆରମ୍ଭ ହୋଇଯିବ। ପରିଶୋଧ ଯୋଜନା/ଅନୁସୂଚୀ ସହିତ କଠୋର ଅନୁପାଳନ ଏହି ରଣ ସୁବିଧା ମଞ୍ଜୁର କରିବା ପାଇଁ ଏକ ଜରୁରୀ ସର୍ତ୍ତ ଅଟେ।

5.4 ପ୍ରତ୍ୟେକ ଧାର୍ଯ୍ୟ ତାରିଖରେ ନିୟମିତ ରୂପେ EMI ପ୍ରଦାନ କରିବା ପାଇଁ ତାଙ୍କର(ପୁ/ମ)/ସେମାନଙ୍କର ଦାୟିତ୍ୱ ସମ୍ପର୍କରେ ରଣକର୍ତ୍ତାଙ୍କୁ କୌଣସି ବିଜ୍ଞପ୍ତି ବା ନୋଟିସ୍, ସ୍ମାରକ କିମ୍ବା ସୂଚନା ପ୍ରଦାନ କରାଯିବ ନାହିଁ। ସଠିକ ସମୟରେ "BAF" କୁ ଦେୟ ପ୍ରଦାନ ସୁନିଶ୍ଚିତ କରିବା ହେଉଛି, ସମ୍ପୂର୍ଣ୍ଣ ରୂପେ, ତାଙ୍କର(ପୁ/ମ)/ସେମାନଙ୍କର ଦାୟିତ୍ୱ ଅଟେ। ଯେକୌଣସି EMI ପ୍ରଦାନ କରିବାରେ ବିଳମ୍ବ କିମ୍ବା ଡିଫଲ୍ଟ ରଣକର୍ତ୍ତାଙ୍କୁ "BAF" କୁ ଦେୟ, ଅନୁସୂଚୀରେ ଉଲ୍ଲେଖ ହୋଇଥିବା ପ୍ରକାରେ ଡିଫଲ୍ଟ ସୁଧ ହାରରେ ସୁଧ (ଏହିଭଳି ବିଚ୍ୟୁତି ବା ଡିଫଲ୍ଟର ଅବଧି ପାଇଁ) ପ୍ରଦାନ କରିବେ, ଏହା ବ୍ୟତୀତ ଏକ ଡିଫଲ୍ଟ ଘଟଣା ଗଠିତ ହେବ ତାହା ଫଳରେ BAF ଚୁକ୍ତି ନିର୍ଦ୍ଧାରଣ/ସମାପ୍ତ କରିବ, ଚୁକ୍ତି ଅଧୀନରେ ଦେୟ ଦେବାକୁ ଥିବା ଏବଂ ଦେୟଯୋଗ୍ୟ ରାଶି "BAF" କୁ ତୁରନ୍ତ ଦିଆଯିବ।

5.5 ପରିଶୋଧ ଅବଧି ଆଗରୁ ପରିଶୋଧ ଫଳରେ ଅନୁସୂଚୀରେ ଦର୍ଶାଯାଇଥିବା ପରି ପ୍ରିପେମେଣ୍ଟ ଚାର୍ଜ୍‌ର କାରଣ ହେବ।

5.6 ରଣକର୍ତ୍ତା "BAF" କୁ ଅନୁସୂଚୀରେ ଉଲ୍ଲେଖ କରାଯାଇଥିବା ପ୍ରକାରେ EMI ଗୁଡିକ ପ୍ରଦାନ କରିବା ଜାରି ରଖିବେ ଯାହାକି "BAF" କୁ ଦେବା ପାଇଁ ଅଛି ଏବଂ ବାକି ଅଛି, ଏହି ବିଷୟ ଉକ୍ତ ଯାନର କାର୍ଯ୍ୟକାରୀ ଅବସ୍ଥା କିମ୍ବା ଯାନ କୌଣସି ମରାମତି ଆବଶ୍ୟକ କରୁଥିବା କିମ୍ବା ଅନ୍ୟଥା ଯାନ ପୂରା ଅକାମୀ ହୋଇଥିବା ବିଷୟକୁ ବିଚାରକୁ ନେଇନଥାଏ ଏବଂ "BAF" ଉକ୍ତ ଯାନର ମରାମତି କିମ୍ବା ଅଚଳାବସ୍ଥା ପାଇଁ କୌଣସି ପ୍ରକାରେ ଉତ୍ତରଦାୟୀ କିମ୍ବା ଦାୟୀ ହେବେ ନାହିଁ।

5.7 ଉକ୍ତ ଯାନର କ୍ଷତି, ଚୋରି, ଧ୍ୱଂସ କିମ୍ବା ନଷ୍ଟ ହେବା କୌଣସି ଘଟଣାରେ ମଧ୍ୟ ଅନୁସୂଚୀ ଅନୁସାରେ EMI ପ୍ରଦାନ କରିବା ସ୍ଥଗିତ କିମ୍ବା ପରିହାର କରିବାକୁ କୌଣସି କାରଣ କିମ୍ବା ଭିତ୍ତି ହେବ ନାହିଁ, ଯାହାକି ଏଠାରେ ରହିଥିବା ଚୁକ୍ତି ଓ ସର୍ତ୍ତାବଳୀ ଅନୁସାରେ ରଣ ପରିଶୋଧ କରିବାକୁ ରଣକର୍ତ୍ତାଙ୍କର ଉତ୍ତରଦାୟିତ୍ୱକୁ ହ୍ରାସ କରିବ ନାହିଁ କିମ୍ବା ଏହା ଏହି ଚୁକ୍ତିର ଧାରାବାହିକତାକୁ ପ୍ରଭାବିତ କରିବ ନାହିଁ। ଏହିଭଳି କୌଣସି ଘଟଣାକୁ ବିଚାରକୁ ନନେଇ ରଣକର୍ତ୍ତା ସମୟାନୁବର୍ତ୍ତୀଭାବେ ଏବଂ ନିୟମିତ ରୂପେ EMI ପ୍ରଦାନ କରିବାକୁ ରାଜି ହୋଇଛନ୍ତି।

5.8 ରଣକର୍ତ୍ତାଙ୍କ ଦ୍ୱାରା BAF କୁ ବିତରଣ କରାଯାଇଥିବା କୌଣସି କିମ୍ବା ସମସ୍ତ PDC/ ଦିଆଯାଇଥିବା ECS ଅଧିକାର ପତ୍ର ଯଦି ଉପରୋକ୍ତ ଧାରା ଅନୁସାରେ ହୋଇଥାଏ:

କ) BAF ର ହେପାଜତରେ ଥିବା ବେଳେ ଯଦି ସେଗୁଡ଼ିକ ହଜିଯାଇଥାଏ କିମ୍ବା ନଷ୍ଟ ହୋଇଯାଇଥାଏ କିମ୍ବା ଭୁଲ୍ ସ୍ଥାନରେ ରଖାଯାଇଥାଏ,

ଖ) କର୍ତ୍ତୃପକ୍ଷ କିମ୍ବା ଅନ୍ୟଥା ହସ୍ତାକ୍ଷରକାରୀ କିମ୍ବା ହସ୍ତାକ୍ଷରକାରୀଙ୍କ ମଧ୍ୟରୁ ଯେକେହି କିମ୍ବା ଅଧିକ (ଯଦି ଏକାଧିକ ରହିଥାନ୍ତି) ତାଙ୍କର ବହିଷ୍କାର, ପାଗଳାମି, ଦେବାଳିଆ ଅବସ୍ଥା, ମୃତ୍ୟୁ କିମ୍ବା ଉଠାଣକାରୀ ବ୍ୟାଙ୍କର ଲିକ୍ୟୁଡେସନ କିମ୍ବା ମୋରାଟୋରିୟମ କାରଣରୁ ଭଙ୍ଗା ଯାଇନଥାଏ ବା ନନ୍-ଏନକ୍ୟାସେବୁଲ୍ ହୋଇଥାଏ।

ତେବେ ଏହିଭଳି ଘଟଣାରେ, ରଣକର୍ତ୍ତା (କିମ୍ବା ଉତ୍ତରାଧିକାରୀ), ରଣକର୍ତ୍ତାଙ୍କର ଆଇନଗତ ପ୍ରତିନିଧି ଏହିଭଳି କ୍ଷତି, ଧ୍ୱଂସ କିମ୍ବା ଭୁଲ୍ ସ୍ଥାନରେ ରଖାଯାଇଥିବାର (ନଗଦ ଅର୍ଥ ହୋଇପାରେ) ସୂଚନା BAF ଠାରୁ ପ୍ରାପ୍ତ କରିବା ପରେ (ଅନୁଚ୍ଛେଦରେ ଦର୍ଶାଯାଇଥିବା ପରି ପ୍ରଯୁଜ୍ୟ ଘଟଣାରେ) ନଗଦ ଅର୍ଥ ପ୍ରଦାନ କରିବେ କିମ୍ବା ଉକ୍ତ ଚେକ୍‌ଗୁଡିକ ନନ୍-ଏନକ୍ୟାଶେବୁଲ୍ ବିବେଚିତ ହେବ, ହଜିଯାଇଥିବା, ନଷ୍ଟ ହୋଇଥିବା, ଭୁଲ୍ ସ୍ଥାନରେ ରଖାଯାଇଥିବା କିମ୍ବା ନନ୍-ଏନକ୍ୟାଶେବୁଲ୍ ହୋଇଥିବା ଚେକ୍‌ଗୁଡିକ ସ୍ଥାନରେ ସମାନ ସଂଖ୍ୟକ ଚେକ୍ BAF କୁ ପ୍ରଦାନ କରିବେ କିମ୍ବା ରଣ ପରିଶୋଧ କରିବା ପାଇଁ ଏହିଭଳି ଉପଯୁକ୍ତ ବ୍ୟବସ୍ଥା କରିବେ ଯାହା BAF ଦ୍ୱାରା ଗ୍ରହଣୀୟ ଏବଂ ଅନୁମୋଦିତ ହୋଇଥାଏ।

ଗ) ଏହା ରଣକର୍ତ୍ତାଙ୍କ ଦ୍ୱାରା ସହମତି ହୋଇଛି ଏବଂ ବୁଝାଯାଇଛି ଯେ ଚେକ୍‌ର ଅଣ-ଉପସ୍ଥାପନା କିମ୍ବା କୌଣସି କାରଣରୁ ତାହା ଯାହା ହେଉନା କାହିଁକି BAF ଦ୍ୱାରା ECS ମ୍ୟାଣ୍ଡେଟ୍ କାର୍ଯ୍ୟକାରୀ ନହେବା BAF କୁ ରଣ ପରିଶୋଧ କରିବା ପାଇଁ ରଣକର୍ତ୍ତାଙ୍କର ଦେୟତା ପ୍ରଭାବିତ ହେବ ନାହିଁ। BAF କୌଣସି ପ୍ରକାରେ, ନଗଦରେ ପରିଣତ କରିବା କ୍ଷେତ୍ରରେ କୌଣସି ବିଳମ୍ବ, ବାଦ୍ ଦେବା କିମ୍ବା ଅବହେଳା ପାଇଁ ଦାୟୀ ରହିବ ନାହିଁ। ଯେକୌଣସି ସମୟରେ ଦେୟ ଦେବାକୁ ଥିବା ଏବଂ ଦେୟଯୋଗ୍ୟ ହେଉଥିବା ସମସ୍ତ ଚେକ୍‌ଗୁଡିକୁ ସମ୍ମାନ ଦେବା ପାଇଁ ରଣକର୍ତ୍ତା ଯେକୌଣସି ଉପାୟରେ ତାଙ୍କର(ପୁ/ମ)/ସେମାନଙ୍କର ଏକାଉଣ୍ଟରେ ଯଥେଷ୍ଟ ପାଣ୍ଠି ସର୍ବଦା ବଜାୟ ରଖିବେ।

ଘ) ଆହୁରିମଧ୍ୟ ସହମତି ହୋଇଛି ଯେ ଯଦି ରଣକର୍ତ୍ତାଙ୍କ ଦ୍ୱାରା ଜାରି ହୋଇଥିବା ଏକ ଚେକ୍ ଅଗ୍ରାହ୍ୟ ହୋଇଥାଏ ଏବଂ ସେହିପରି ବାରମ୍ବାର ଉପସ୍ଥାପନ କରାଯାଇଥାଏ ଏବଂ ତାକୁ ଗ୍ରହଣ କରାଯାଇଥାଏ କିନ୍ତୁ ଇତିମଧ୍ୟରେ ଅଗ୍ରାହ୍ୟ ହୋଇଥିବା ଚେକ୍ ପରିପ୍ରେକ୍ଷୀରେ ନଗଦ ଅର୍ଥ ରାଶି ଜମା କରାଯାଇଥାଏ, ତେବେ ଉକ୍ତ ଦୁଇ ଥର ଘଟିବା ଘଟଣାର କୌଣସି ପରିଣାମ ପାଇଁ BAF ଉତ୍ତରଦାୟୀ ହେବ ନାହିଁ। ଯାହା ହେଲେ ମଧ୍ୟ, ପକ୍ଷଗୁଡିକ ମଧ୍ୟରେ ପାରସ୍ପରିକ ବନ୍ଦୋବସ୍ତ ଅନୁଯାୟୀ ଅତିରିକ୍ତ ଦେୟ ଫେରସ୍ତ କିମ୍ବା ବ୍ୟବସ୍ଥିତ କରାଯିବ।

ବୁସନ୍ ଅଟୋ ଫାଇନାନ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (Bussan Auto Finance India Private Limited) ନିମନ୍ତେ

☞ ରଣକର୍ତ୍ତା
X ସହ-ରଣକର୍ତ୍ତା
✓ ଗ୍ୟାରେଣ୍ଟର୍

ପ୍ରାଧିକୃତ ହସ୍ତାକ୍ଷରକାରୀ

✓ ଗ୍ୟାରେଣ୍ଟର୍
X ସହ-ରଣକର୍ତ୍ତା
☞ ରଣକର୍ତ୍ତା

ଙ) କୌଣସି କାରଣରୁ ତାହା ଯାହା ହେଉନା କାହିଁକି କୌଣସି ଚେକ୍ ନଷ୍ଟ ହେବା କିମ୍ବା ହଜିଯିବା (ଯାହା ପୂର୍ବରୁ ଏହି ସମ୍ବନ୍ଧିତ ସର୍ତ୍ତାବଳୀ ଅନୁସାରେ ରଣକର୍ତ୍ତାଙ୍କ ଦ୍ୱାରା BAF କୁ ଦିଆଯାଇସାରିଛି) କିମ୍ବା କୌଣସି ପ୍ରକାରେ ବିଳମ୍ବ ତାହା ଯାହା ହେଉନା କାହିଁକି BAF ର କୌଣସି ଅଧିକାର ପରିତ୍ୟାଗ ଭାବେ ବିବେଚିତ ହେବ ନାହିଁ।

6. ସିକ୍ୟୁରିଟି ଏବଂ ବନ୍ଧକ ପ୍ରକ୍ରିୟା

6.1 "BAF" ଦ୍ୱାରା ଆଡଭାନ୍ସ କରାଯାଇଥିବା ରଣ ସୁବିଧା ଦୃଷ୍ଟିରୁ, ରଣକର୍ତ୍ତା ଏତଦ୍ୱାରା "BAF" ସପକ୍ଷରେ ଯାନକୁ ବନ୍ଧକ ଏବଂ ଚାର୍ଜ୍ ରଖିଥାନ୍ତି, ଯାହା ରଣ, ସୁଧ ଏବଂ "BAF" କୁ ଦେୟ ଦେବାକୁ ଥିବା ଏବଂ ଅନ୍ୟ ଟଙ୍କାର ପରିଶୋଧ ପାଇଁ ଏହି ଚୁକ୍ତିର ଅନୁସୂଚୀରେ ସବିଶେଷ ରୂପେ ବର୍ଣ୍ଣିତ ହୋଇଛି

6.2 ସଂପୃକ୍ତ ସଡକ ପରିବହନ କାର୍ଯ୍ୟାଳୟ ଠାରୁ "BAF" ସପକ୍ଷରେ ପଞ୍ଜିକରଣ ପ୍ରମାଣପତ୍ର ପୁସ୍ତକରେ ବନ୍ଧକ ପ୍ରକ୍ରିୟାର ଅନୁମୋଦନ ବା ଏଣ୍ଡୋର୍ସମେଣ୍ଟ କରାଇବା ପାଇଁ ରଣକର୍ତ୍ତା ଅଙ୍ଗୀକାର କରିଛନ୍ତି।

6.3 ଯାନର ବନ୍ଧକ BAF ବକେୟା ରାଶି ବିପକ୍ଷରେ ପ୍ରଥମ ଏବଂ ସ୍ୱତନ୍ତ୍ର ଶୁଳ୍କ ଲଗାଯିବ। ବନ୍ଧକ ପ୍ରକ୍ରିୟା ଏହି ଚୁକ୍ତି ସ୍ୱାକ୍ଷର କରାଯିବା କିମ୍ବା ଯାନ ବିତରଣ କରାଯିବାର, ଘଟଣାଟି ଯେପରି ହୋଇପାରେ ଯେଉଁ ଘଟଣା ଶୀଘ୍ର ଘଟିଥାଏ, ପଞ୍ଜିକରଣ ପ୍ରମାଣପତ୍ର ବା ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ଉପରେ ବନ୍ଧକ ପ୍ରକ୍ରିୟାର ଅନୁମୋଦନ ବା ଏଣ୍ଡୋର୍ସମେଣ୍ଟ ତାରିଖକୁ ବିଚାରକୁ ନନେଇ, ତାହାର ତୁରନ୍ତ ପରିତ୍ୟାଗ କରାଯିବା ଉଚିତ୍।

6.4 ଉଚିତ୍ ଭାବେ ଅନୁମୋଦିତ ହୋଇଥିବା R.C. ବୁକ୍ (ବନ୍ଧକ ପ୍ରକ୍ରିୟାର ଅନୁମୋଦନ ସହିତ) ବିତରଣ କରିବା ପାଇଁ BAF ଦାୟୀ ନୁହେଁ ଏବଂ R.C. ବୁକ୍ ବିତରଣ ହୋଇନଥିବା ଛଳନାରେ ରଣକର୍ତ୍ତା ନିର୍ଦ୍ଧାରିତ EMI ଗୁଡିକର ଦେୟ ସ୍ଥଗିତ କରିବେ ନାହିଁ ଏବଂ ତାହା ଅନୁସନ୍ଧାନ କରିବା ରଣକର୍ତ୍ତାଙ୍କର ଏକକ ଦାୟିତ୍ୱ ହେବ।

ତଥାପି ରଣକର୍ତ୍ତା(ମାନେ) ଏତଦ୍ୱାରା ରାଜି ହୋଇଛନ୍ତି ଯେ ବନ୍ଧକ ପ୍ରକ୍ରିୟାକୁ ଅନୁମୋଦନ କରିବାରେ ତାଙ୍କର(ପୁ/ମ)/ସେମାନଙ୍କର ବିଫଳତା କ୍ଷେତ୍ରରେ, ପଞ୍ଜିକରଣ ପ୍ରମାଣପତ୍ରରେ ବନ୍ଧକ ପ୍ରକ୍ରିୟାର ଅନୁମୋଦନକୁ କାର୍ଯ୍ୟକାରୀ କରିବାକୁ ଏବଂ ଆବଶ୍ୟକ ସ୍ଥଳେ ଯାନ ସ୍ଥାନାନ୍ତର ବା ଟ୍ରାନ୍ସଫର୍ କରିବା ପାଇଁ, BAF ପ୍ରାଧିକୃତ ବ୍ୟକ୍ତି କିମ୍ବା ପ୍ରତିନିଧିଙ୍କ ମାଧ୍ୟମରେ, "BAF" ଦ୍ୱାରା ଯାହା ଆବଶ୍ୟକ ବୋଲି ବିଚାର କରାଯାଏ, ପଞ୍ଜିକରଣ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ବିକ୍ରୟ/ VAT କର ଅଧିକାରୀ ଏବଂ ଅନ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ହାଜର ହେବା ପାଇଁ ଅଧିକାର ଏବଂ କର୍ତ୍ତୃତ୍ୱ ରହିବ (ଯେପରି ଦାୟିତ୍ୱ ଠାରୁ ପୃଥକୀକୃତ ହୋଇଥାଏ)।

6.5 ଯାନର ବ୍ୟବହାର/ଅପବ୍ୟବହାର କାରଣରୁ ଏବଂ/କିମ୍ବା ଅନ୍ୟ ଯେକୌଣସି କାରଣରୁ ସୃଷ୍ଟି ହେଉଥିବା ସମସ୍ତ ଦାବି ଏବଂ ଦେୟ ବିପକ୍ଷରେ, ତାହା ଯାହା ହେଉନା କାହିଁକି ବାକି ପଡିଥିବା କିମ୍ବା ଦେୟଯୋଗ୍ୟ ରାଶି BAF କୁ କ୍ଷତିପୂରଣ କରିବା ପାଇଁ ରଣକର୍ତ୍ତା ଅଙ୍ଗୀକାର କରିଛନ୍ତି।

6.6 ମଞ୍ଜୁରପ୍ରାପ୍ତ ରଣ ସୁବିଧାକୁ ସୁରକ୍ଷିତ କରିବା ପାଇଁ ରଣ ସୁବିଧା ପାଇଁ ଯେକୌଣସି ଚୁକ୍ତିପତ୍ର ବା ବଣ୍ଡ(ଗୁଡିକ), ଅଙ୍ଗୀକାରାତ୍ମକ ଟିପ୍ପଣୀ ବା ପ୍ରୋମିଜୋରି ନୋଟ୍ ଏବଂ ଏହିଭଳି ସମସ୍ତ ଦଲିଲଗୁଡିକ, ପାୱାର ଅଫ୍ ଆଟର୍ଣ୍ଣି(ଗୁଡିକ)/ଅଙ୍ଗୀକାର ଏବଂ ଚୁକ୍ତିଗୁଡିକ ଯାହା ଏହି ରଣର ବିଚାରାଧୀନତା ସମୟ ମଧ୍ୟରେ "BAF" ଦ୍ୱାରା ଆବଶ୍ୟକ ହୋଇପାରେ ତାହା ରଣକର୍ତ୍ତା କାର୍ଯ୍ୟକାରୀ କରିବେ।

7. ରଣକର୍ତ୍ତାଙ୍କର ଉପସ୍ଥାପନା, ୱାରେଣ୍ଟି, ଚୁକ୍ତିପତ୍ର ଏବଂ ଅଙ୍ଗୀକାରଗୁଡିକ

7.1 ତାଙ୍କୁ (ପୁ/ମ), ରଣ ସୁବିଧା ମଞ୍ଜୁର କରିବା ପାଇଁ "BAF" କୁ ପ୍ରବର୍ତ୍ତାଇବାକୁ ଦୃଷ୍ଟିରେ ରଖି, ରଣକର୍ତ୍ତା ଏତଦ୍ୱାରା "BAF" ସହିତ ଏହା ଉପସ୍ଥାପନ/ୱାରେଣ୍ଟି/ଚୁକ୍ତିପତ୍ର/ଅଙ୍ଗୀକାର କରୁଛନ୍ତି ଯେ-

(କ) ମୋ ସମ୍ପର୍କରେ ସମ୍ପୂର୍ଣ୍ଣ ଓ ସଠିକ ସୂଚନା ଓ ବିବରଣୀ "BAF" କୁ ପ୍ରଦାନ କରିଛି ଏବଂ କୌଣସି ଗୁରୁତ୍ୱପୂର୍ଣ୍ଣ ସୂଚନା ବାଦ୍ ଦିଆଯାଇନାହିଁ/ଲୁଚା ଯାଇନାହିଁ;

(ଖ) ରଣକର୍ତ୍ତା ଯାନର ବିତରଣ; ଯାନର କୌଣସି ତ୍ରୁଟି ସମ୍ପର୍କରେ BAF କୁ ଯେକୌଣସି ଉତ୍ତରଦାୟିତ୍ୱରୁ ମୁକ୍ତ ରଖିଥାନ୍ତି ଏବଂ ବିତରଣ ନେବା ପୂର୍ବରୁ ଯାନର ଅବସ୍ଥା ଯାଞ୍ଚ କରିବା ହେଉଛି ରଣକର୍ତ୍ତାଙ୍କର ନିଜର ଦାୟିତ୍ୱ ଏବଂ ରଣକର୍ତ୍ତା ନିର୍ଦ୍ଧାରିତ EMI ଗୁଡିକ, ଅନ୍ୟ ଖର୍ଚ୍ଚ, ଦେୟ, ଫି, ବ୍ୟୟ ଇତ୍ୟାଦି, ଯଦି କିଛି ଥାଏ, ଯାନ ବିତରଣ କରାଯାଇନଥାଏ କିମ୍ବା ଯଥାର୍ଥ ଅବସ୍ଥାରେ ଯାନ ବିତରଣ କରାଯାଇନଥାଏ ସେହି ବାହାନାରେ, ଦେୟ ପ୍ରଦାନ ସ୍ଥଗିତ କରିବେ ନାହିଁ;

(ଗ) ଯାହା ହେଲେ ମଧ, ଯଦି ଆରୋପ କରାଯାଇଥିବା କୌଣସି ପ୍ରବଞ୍ଚନା, ଯାନର ବିତରଣ କିମ୍ବା ଅଣ-ବିତରଣ ସମ୍ପର୍କରେ ରଣକର୍ତ୍ତା/ଗ୍ୟାରେଣ୍ଟରଙ୍କ ଦ୍ୱାରା କରାଯାଇଥିବା ଜଣାପଡେ, ତେବେ ରଣକର୍ତ୍ତା ଏବଂ ଗ୍ୟାରେଣ୍ଟର୍ ଉତ୍ତରଦାୟୀ ହେବେ ଯେମିତି ଯାନକୁ ରଣକର୍ତ୍ତାଙ୍କୁ ପ୍ରକୃତରେ ବିତରଣ କରାଯାଇଥିଲା।

(ଘ) "BAF" ସପକ୍ଷରେ ଚୂଡାନ୍ତ ଇନଭଏସ୍ ଅଧିକାର ଉଚିତ୍ ସମୟରେ ମାର୍କ୍ କରାଇବେ ଏବଂ ମୋଟର ଯାନ ଆଇନ୍, 1988 ଅନ୍ତର୍ଗତ ଉପଯୁକ୍ତ ପଞ୍ଜୀକରଣକାରୀ କର୍ତ୍ତୃପକ୍ଷଙ୍କ ସହିତ ଯାନ ପଞ୍ଜୀକରଣ କରାଇବେ ଏବଂ ପଞ୍ଜୀକରଣ ଦଲିଲ ବା ଡକ୍ୟୁମେଣ୍ଟରେ "BAF" ର ଅଧିକାରର ଅନୁମୋଦନ ସୁନିଶ୍ଚିତ କରିବେ ଏବଂ ଯଥାର୍ଥ ଭାବେ ପ୍ରମାଣୀକୃତ ପଞ୍ଜୀକରଣ ପ୍ରମାଣପତ୍ରର ନକଲ ବା କପିଗୁଡିକୁ ଏହାପରେ ତୁରନ୍ତ "BAF" କୁ ଦାଖଲ କରିବେ, କୌଣସି ନୂଆ ପଞ୍ଜୀକରଣର ଆବଶ୍ୟକତା କ୍ଷେତ୍ରରେ, ରଣକର୍ତ୍ତା ଅଙ୍ଗୀକାର କରିଥାନ୍ତି ଯେ ତାହା "BAF" କୁ ବନ୍ଧକ ଦିଆଯାଇଥିବା ପ୍ରତିଷ୍ଠିତ କରିବା ପାଇଁ ସମାନ ଭାବେ ଅନୁମୋଦନ କରାଯିବ;

(ଘ) "BAF" କୁ ନଜଣାଇ ଏବଂ ଏହା ଠାରୁ କୌଣସି ଏନ୍‌ଓସି(NOC) ପ୍ରାପ୍ତ ନକରି ଯାନ ପାଇଁ କୌଣସି ନକଲ ପଞ୍ଜୀକରଣ ପ୍ରମାଣପତ୍ର ପାଇଁ ଆବେଦନ କରିବେ ନାହିଁ ଏବଂ ନକଲ ପଞ୍ଜୀକରଣ ପ୍ରମାଣପତ୍ରରେ ଅଧିକାରର ମାର୍କ୍ ହୋଇଥିବା ସୁନିଶ୍ଚିତ କରିବେ;

(ଙ) ଏହି ଚୁକ୍ତି ଅବଧି ମଧ୍ୟରେ "BAF" ର ପୂର୍ବ ଲିଖିତ ସମ୍ମତି ବିନା ଯାନର ସିକ୍ୟୁରିଟି ଉପରେ କୌଣସି ରଣ କିମ୍ବା ସୁବିଧା ଲାଭ କିମ୍ବା ହାସଲ କରିବେ ନାହିଁ କିମ୍ବା କୌଣସି ଉପାୟରେ ଯାନ ଉପରେ ଆଇନଗତ ଭାବେ ଦାବି କରିବେ ନାହିଁ;

(ଚ) ବନ୍ଧକ ପଡିଥିବା ଯାନ ଏବଂ ଏହି ଚୁକ୍ତି ସମ୍ପର୍କରେ ଭାରତର ଆଇନ୍, ଯଥା ମୋଟର ଯାନ ଆଇନ୍, 1988 ଦ୍ୱାରା କିମ୍ବା ସେଥିରେ ଆବଶ୍ୟକ ହେଉଥିବା ସମସ୍ତ ପ୍ରାଧିକରଣ, ଅନୁମୋଦନ, ସମ୍ମତି, ବୀମା, ଲାଇସେନ୍ସ, ଅନୁମତି ଓ ନବୀକରଣଗୁଡିକ ସମ୍ପୂର୍ଣ୍ଣ କ୍ଷମତା ଏବଂ ପ୍ରଭାବରେ ବଜାୟ ରଖିବା ଆବଶ୍ୟକ ହେଉଥିବା ସମସ୍ତ ବିଷୟ ପ୍ରାପ୍ତ କରିବେ, ଏହି ଚୁକ୍ତି ଅନ୍ତର୍ଗତ ସମସ୍ତ ଆନୁଷଙ୍ଗିକ ଡକ୍ୟୁମେଣ୍ଟ ପ୍ରଦାନ ଏବଂ ଦାୟିତ୍ୱଗୁଡିକର ସମ୍ପାଦନ କରିବା ଆବଶ୍ୟକ ହୋଇଥାଏ;

(ଛ) ବ୍ୟାପକଭାବେ ବୀମା କରିବେ ଏବଂ ଏହି ଚୁକ୍ତିର ସମ୍ପୂର୍ଣ୍ଣ ଅବଧି ପାଇଁ ଦୁର୍ଘଟଣା, ଅଗ୍ନିକାଣ୍ଡ, ଦଙ୍ଗା, ଭୂକମ୍ପ, ବେସାମରିକ ବିଶୃଙ୍ଖଳା, ଚୋରି ଏବଂ ଅନ୍ୟ ବିପଦ ଆଶଙ୍କା ସମେତ ସମସ୍ତ କ୍ଷତି କିମ୍ବା ନଷ୍ଟ ଯାହା ସାଧାରଣତଃ ବୀମା ଦ୍ୱାରା କଭର୍ କରାଯାଇଥାଏ ତାହା ବିପକ୍ଷରେ ବୀମାଭୁକ୍ତ ରଖିବେ ଏବଂ ଏହିଭଳି ଅନ୍ୟ ବିପଦ ଆଶଙ୍କା ବିପକ୍ଷରେ ଯାହା "BAF" ଉକ୍ତ ଯାନକୁ ଏକ ବୀମା କମ୍ପାନୀ ଦ୍ୱାରା ବୀମାଭୁକ୍ତ କରିବା ଆବଶ୍ୟକ କରିପାରେ (ତାହାର ସମ୍ପୂର୍ଣ୍ଣ ପ୍ରତିସ୍ଥାପନ ବା ରିପ୍ଲେସମେଣ୍ଟ ମୂଲ୍ୟ ପାଇଁ), ଏହି ବୀମା କମ୍ପାନୀ ବ୍ୟାପକ ବୀମା ପଲିସି ଅଧୀନରେ "BAF" ଦ୍ୱାରା ଅନୁମୋଦିତ ହେବ ଯାହା ପ୍ରତିବନ୍ଧକ କିମ୍ବା ବହିଷ୍କରଣ ଭାବେ କୌଣସି ବିପଦ ଆଶାଙ୍କାର ବହିର୍ଭୁକ୍ତି କିମ୍ବା ଅତିରିକ୍ତତା ଠାରୁ ମୁକ୍ତ ହେବ ଏବଂ "BAF" ଏକମାତ୍ର ହିତାଧିକାରୀ ଭାବେ ବିବେଚନା କରାଯିବ ଏବଂ ବଜାୟ ରଖାଯିବ। ଉକ୍ତ ବୀମା ପଲିସି ରଣକର୍ତ୍ତାଙ୍କ ନାମରେ ନିଆଯିବ ଯାହା "BAF" ର ଦାବି ଲିପବଦ୍ଧ ହୋଇଥିବା ଏକ ଅନୁମୋଦନ ଧାରଣ କରିବ ଏବଂ ରଣକର୍ତ୍ତା ପୂର୍ବ ଅବଧି ପାଇଁ ବୀମା ପଲିସିର ମିଆଦ ଶେଷ ହେବାର 7 ଦିନ ଭିତରେ ବୀମାର ନବୀକରଣ ବା ରିନ୍ୟୁଆଲ୍ ସମ୍ପର୍କରେ "BAF" କୁ ଜଣାଇବେ, ଯହା ହେଲେ ମଧ ତାହା ଏହି ଚୁକ୍ତି ଅଧୀନରେ "BAF" ର ଅଧିକାରଗୁଡିକ ଏବଂ ମାଲିକାନାକୁ ପ୍ରଭାବିତ କରିବା ପାଇଁ ବ୍ୟାଖ୍ୟା କରାଯିବ ନାହିଁ କିମ୍ବା "BAF" ଉପରେ କୌଣସି ଉତ୍ତରଦାୟିତ୍ୱ/"BAF" କୌଣସି ଅସାମର୍ଥ୍ୟତା ଅଧୀନରେ ରହିବ ନାହିଁ, ଯଦି ଯାନ ବୀମାଭୁକ୍ତ ହୋଇନଥାଏ ତାହା ରଣକର୍ତ୍ତାଙ୍କର ଉତ୍ତରଦାୟିତ୍ୱ ହେବା ଜାରି ରହିବ;

(ଜ) ସେ ଯେତେବେଳେ ତାହା ପ୍ରାପ୍ତ କରୁଥାନ୍ତି ସେତେବେଳେ ରଣ ସୁବିଧା ଅବଧି ପାଇଁ ପରବର୍ତ୍ତୀ ବର୍ଷ ସକାଶେ ବୀମା ପଲିସି/ନବୀକରଣଯୁକ୍ତ ବୀମାର ଏକ କପି "BAF"ନିକଟରେ ଜମା ମଧ କରିବେ ଏବଂ ଉକ୍ତ ପଲିସି ଅଧୀନରେ ବକେୟା ଅନ୍ୟ ରାଶି ଏବଂ ସମସ୍ତ ପ୍ରିମିୟମ୍ ସମୟାନୁବର୍ତ୍ତୀ ଭାବେ ପ୍ରଦାନ କରିବେ ଯେତେବେଳେ ସେଗୁଡିକ ଦେୟ ପ୍ରଦାନ କରିବାର ସମୟ ଆସିଥାଏ ଏବଂ ବୀମା ପଲିସିକୁ ପୂର୍ଣ୍ଣ କ୍ଷମତାଯୁକ୍ତ ଏବଂ ପ୍ରଭାବୀ ବଜାୟ ରଖିବା ପାଇଁ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ଗ୍ରହଣ କରିବେ ଏବଂ ଏପରି କୌଣସି କାର୍ଯ୍ୟ କରିବା ଠାରୁ ଦୂରେଇ ରହିବେ ଯାହା ଦ୍ୱାରା ଉକ୍ତ ପଲିସି ନଷ୍ଟ ହୋଇପାରେ କିମ୍ବା ହେବାର ସମ୍ଭାବନା ରହିଥାଏ;

(ଝ) ଯେଉଁଠାରେ ରଣକର୍ତ୍ତା ଏପରି କରିବାରେ ଡିଫଲ୍ଟ କରିଥାନ୍ତି, "BAF" ହୁଏତ, ଏହାର ଅଧିକାର ବଳରେ (ଯଦିଓ ବାଧ ନୁହେଁ) ଉକ୍ତ ଯାନକୁ ବୀମାଭୁକ୍ତ କରିପାରେ ଏବଂ ଏହା ଗ୍ରହଣ କରିବାର ସମ୍ଭାବନା ଥିବା ଅନ୍ୟ କାର୍ଯ୍ୟାନୁଷ୍ଠାନଗୁଡିକର ପୂର୍ବଧାରଣାଗତ ମତକୁ ବିଚାରକୁ ନନେଇ ରଣକର୍ତ୍ତାଙ୍କ ଠାରୁ ତୁରନ୍ତ ଖର୍ଚ୍ଚ କରାଯାଇଥିବା ଅର୍ଥରାଶି ଆଦାୟ କରିବେ;

(ଞ) କୌଣସି ବୀମା କ୍ଲେମ୍ ପ୍ରାପ୍ତ କରାଯିବା ଘଟଣାରେ, ତାହା ପ୍ରଥମେ "BAF" ସହିତ ଥିବା ରଣକର୍ତ୍ତାଙ୍କ ରଣ ଏକାଉଣ୍ଟକୁ ବନ୍ଦୋବସ୍ତ କରାଯିବା ପାଇଁ ଯାଇଥାଏ ଏବଂ କେବଳ ଅବଶିଷ୍ଟ ରାଶି, ଯଦି କୌଣସି ଥାଏ, ରଣକର୍ତ୍ତାଙ୍କୁ ଫେରସ୍ତ କରାଯିବ ଏବଂ ବୀମା ବନ୍ଦୋବସ୍ତ "BAF" କୁ ଦିଆଯିବାକୁ ଥିବା ରାଶି ଠାରୁ କମ୍ ହେବା କ୍ଷେତ୍ରରେ ରଣକର୍ତ୍ତା ଉକ୍ତ ନିଅଣ୍ଟ ରାଶି ତୁରନ୍ତ "BAF" କୁ ପ୍ରଦାନ କରିବେ;

(ଟ) ରଣକର୍ତ୍ତାଙ୍କ ସହିତ ଥିବା ଉକ୍ତ ଯାନର ବ୍ୟବହାର କିମ୍ବା ମାଲିକାନା ଦ୍ୱାରା ଉକ୍ତ ଯାନ ସମ୍ପର୍କରେ କୌଣସି ଦୁର୍ଘଟଣା ଇତ୍ୟାଦି କାରଣରୁ "BAF" କୁ କୌଣସି ତୃତୀୟ ପକ୍ଷ ଦାବି ଅଧୀନରେ ଦେଖାଦେଉଥିବା କୌଣସି ଦେୟତାରୁ ମୁକ୍ତ ରଖିବେ ଏବଂ ଉକ୍ତ ଯାନ ସହିତ "BAF" ର କୌଣସି ସମ୍ପର୍କ ଉକ୍ତ ଯାନ ବିପକ୍ଷରେ ଏହାର ବାକି ଟଙ୍କା ଆଦାୟ କରିବା ପାଇଁ ବନ୍ଧକ ପ୍ରକ୍ରିୟାର ପରିସର ପର୍ଯ୍ୟନ୍ତ ସୀମିତ ଅଟେ ଏବଂ ଅଧିକ ନୁହେଁ।

(ଠ) କୌଣସି ଅପ୍ରତିହତ ଶକ୍ତି କିମ୍ବା ଦୈବୀକୃତ କାର୍ଯ୍ୟ ଯୋଗୁଁ ଯାନରେ ହୋଇଥିବା କୌଣସି ହାନି କିମ୍ବା କ୍ଷତି ସମ୍ପର୍କରେ ତୁରନ୍ତ "BAF" କୁ ଜଣାଇବେ;

(ଡ) (ଏକାଧିକ ରଣକର୍ତ୍ତା ଥିବା କ୍ଷେତ୍ରରେ) ଏହି ଚୁକ୍ତି ଅଧୀନରେ ଏବଂ ଏହାର ଚୁକ୍ତି ଓ ସର୍ତ୍ତାବଳୀ ପାଳନ କରିବା ପାଇଁ ରଣ ସୁବିଧା, ସୁଧ ଏବଂ ଦେବାକୁ ଥିବା ଅନ୍ୟ ରାଶି ଏବଂ ଦେୟଯୋଗ୍ୟ ରାଶି ପରିଶୋଧ କରିବା ପାଇଁ ମିଳିତ ଭାବେ ଏବଂ ପୃଥକ୍ ଭାବେ ଉତ୍ତରଦାୟୀ ହେବେ;

(ଢ) ଏହି ଚୁକ୍ତିର ସମ୍ପୂର୍ଣ୍ଣ ଅବଧି ମଧ୍ୟରେ ଯାନକୁ ଭଲ ସ୍ଥିତି ଏବଂ ସେବାଯୋଗ୍ୟ/ଉପଯୋଗୀ ଅବସ୍ଥାରେ ରଖିବେ ଏବଂ ଏହାର ସୁବିଧାପୂର୍ଣ୍ଣ ସଂଚାଳନ ବା ଅପରେସନ ପାଇଁ ଆବଶ୍ୟକତା ପଡୁଥିବା ମରାମତି କାର୍ଯ୍ୟ ତୁରନ୍ତ ସମ୍ପାଦନ କରିବେ ଏବଂ ଏହାର କ୍ଷତି ହେବାକୁ ଦେବେ ନାହିଁ କିମ୍ବା ଏପରି କୌଣସି କାର୍ଯ୍ୟ କରିବେ ନାହିଁ ଯାହା କ୍ଷତିକାରକ ହୋଇଥାଏ କିମ୍ବା ଯାନକୁ ବ୍ୟବହାର ଅନୁପଯୋଗୀ କରିଥାଏ କିମ୍ବା ଏପରି କିଛି କରିବେ ନାହିଁ ଯାହା "BAF" ତରଫରୁ ସିକ୍ୟୁରିଟି ପ୍ରାପ୍ୟ କରିବାରେ ଅପର୍ଯ୍ୟାପ୍ତ ହେବ;

(ଣ) ଯାନ ସମ୍ବନ୍ଧିତ ସମସ୍ତ ମୂଲ୍ୟ, କର, ଉପକର, ଫି, ପରିବ୍ୟୟ ଏବଂ ଦେୟ ପ୍ରଦାନ ଏବଂ ନିଷ୍ପାଦନ କରିବେ;

(ତ) ଏହି ଚୁକ୍ତିର ଅବଧି ମଧ୍ୟରେ, ଯାନରେ କିମ୍ବା ଏହାର କୌଣସି ଅଂଶର ହିତ ଏବଂ/କିମ୍ବା ତୃତୀୟ ପକ୍ଷର ଅଧିକାର ସୃଷ୍ଟି କରିବା ମାଲିକାନା ସହିତ କୌଣସି ଅଂଶ ରହିବ ନାହିଁ (ବିକ୍ରି, ବିନିମୟ, ଭଡା, ବନ୍ଧା, ଚୁକ୍ତି କିମ୍ବା ବିକଳ୍ପ କିମ୍ବା ଅନ୍ୟ ଉପାୟରେ ତାହା ଯାହା ହେଉନା କାହିଁକି);

(ଥ) ତାଙ୍କର(ପୁ/ମ)/ସେମାନଙ୍କର ବାସସ୍ଥାନ ଠିକଣା କିମ୍ବା ନିଯୁକ୍ତିରେ କୌଣସି ପରିବର୍ତ୍ତନ କିମ୍ବା ଯାନ ସାଧାରଣତଃ ରଖାଯାଉଥିବା ପରିସରରେ କୌଣସି ପରିବର୍ତ୍ତନ (ଯେତେବେଳେ ଅଚଳ ହୋଇଥାଏ) ସମ୍ପର୍କରେ ଏହିଭଳି ପରିବର୍ତ୍ତନ ଘଟିବା ତାରିଖ ପର ଠାରୁ 10 ଦିନ ଭିତରେ ପଞ୍ଜିକୃତ AD ଡାକ ମାଧ୍ୟମରେ "BAF" କୁ ଜଣାଇବା ପାଇଁ ଅଙ୍ଗୀକାର କରିବେ;

(ଦ) ନିଯୁକ୍ତି, କଲିଂ/ବ୍ୟବସାୟ କିମ୍ବା ଦୀର୍ଘଦିନର ରହଣି ପାଇଁ ଭାରତ ଛାଡିବା ପୂର୍ବରୁ ପ୍ରଥମେ ରଣ, ବକେୟା/ଡିଫଲ୍ଟ ହୋଇଥିବା EMI, ଦେୟ, ଫି, ଖର୍ଚ୍ଚ, ବ୍ୟୟ ଇତ୍ୟାଦି ଯଥା ପୂର୍ବପ୍ରଦାନ ଦେୟ ବା ପ୍ରିପେମେଣ୍ଟ ଚାର୍ଜ୍ , ଯଦି ଥାଏ ତାହା ପ୍ରଥମେ ପରିଶୋଧ କରିବେ;

(ଧ) କୌଣସି ମକଦ୍ଦମା, କାର୍ଯ୍ୟାନୁଷ୍ଠାନ କିମ୍ବା ଦାବି, କୌଣସି ପ୍ରକୃତି ଦୃଷ୍ଟି ତାହା ଯାହା ହେଉନା କାହିଁକି ବିଚାରଧୀନ ନାହିଁ କିମ୍ବା ଦାୟର କିମ୍ବା ଗ୍ରହଣ କରିଯିବାର ସମ୍ଭାବନା ନାହିଁ (ଦେୱାନି କିମ୍ବା ଫୌଜଦାରୀ କିମ୍ବା ଅନ୍ୟଥା ତାହା ଯାହା ହେଉନା କାହିଁକି)

(ନ) ଚୁକ୍ତି ଏବଂ ଅନ୍ୟ ରଣ ସମ୍ବନ୍ଧିତ ଦଲିଲ ବା ଡକ୍ୟୁମେଣ୍ଟର ସମସ୍ତ ସର୍ତ୍ତାବଳୀକୁ ପାଳନ କରିବେ ଏବଂ ଏହି ରଣ ସମ୍ବନ୍ଧରେ ସୟାନୁସାରେ ଲାଗୁ ହେଉଥିବା ସମସ୍ତ ଚୁକ୍ତି ଓ ସର୍ତ୍ତାବଳୀ, ଚୁକ୍ତିପତ୍ର ସମ୍ପର୍କରେ ନିଜକୁ ଅବଗତ କରାଇବେ,

(ପ) ରାଜି ହୋଇଛନ୍ତି ଏବଂ ଅଙ୍ଗୀକାର କରିଛନ୍ତି ଯେ ସେ ଏପରି କାର୍ଯ୍ୟ କରିବେ ନାହି କିମ୍ବା କରାଯିବାକୁ ଅନୁମତି ଦେବେ ନାହିଁ ଯାହା ଦ୍ୱାରା ଉକ୍ତ ଯାନର ପଞ୍ଜିକରଣ ନିଲମ୍ବିତ କିମ୍ବା ବାତିଲ୍ ହେବ।

(ଫ) ଏପରି କୌଣସି କାର୍ଯ୍ୟ କରିବେ ନାହିଁ କିମ୍ବା କରାଯିବାର କାରଣ ହେବେ ନାହିଁ ଯାହା ଆଇନ୍ ଅଧୀନରେ କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଦଖଲ ବା ସିଜ୍ କିମ୍ବା ଜବତ କରାଯାଇଥାଏ।

(ବ) ଯାନ କୌଣସି ଦୁର୍ଘଟଣାର ସମ୍ମୁଖୀନ ହେବା, ଚୋରି କିମ୍ବା ଅନ୍ୟ କାରଣରୁ ହାନି କିମ୍ବା ନଷ୍ଟ ହେବା ଘଟଣାରେ ପୂର୍ଣ୍ଣ ବୀମାଯୋଗ୍ୟ ମୂଲ୍ୟ ସୁରକ୍ଷିତ କରିବା ପାଇଁ ତୁରନ୍ତ ବୀମା କମ୍ପାନୀକୁ ସୂଚିତ କରିବେ ଏବଂ ଯାନର ମରାମତି କିମ୍ବା ପୁନରୁଦ୍ଧାର ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବେ ଏବଂ ଆହୁରିମଧ ଏହିଭଳି ଦୁର୍ଘଟଣ ଘଟିଥିବା ସମ୍ପର୍କରେ "BAF" କୁ ଜଣାଇବେ ଏବଂ ବୀମା କମ୍ପାନୀ ନିକଟରେ ଦାବି କରିବା ପାଇଁ ସମସ୍ତ କାର୍ଯ୍ୟ ଏବଂ ଔପଚାରିକତା ଯାହା ଆଇନ୍ ଅନୁସାରେ ଆବଶ୍ୟକ ହୋଇପାରେ ତାହା ସମ୍ପୂର୍ଣ୍ଣ କରିବେ ଏବଂ ସୁନିଶ୍ଚିତ କରିବେ ଯେ ଯାନର ସିକ୍ୟୁରିଟି କୌଣସି ପ୍ରକାରେ ବିପଦରେ ନାହିଁ।

7.2 ରଣକର୍ତ୍ତା ୱାରେଣ୍ଟି ଦେଇଛନ୍ତି ଯେ ସେ(ପୁ/ମ)/ସେମାନେ ସବୁ ସମୟରେ "BAF" କୁ ଦିଆଯାଇଥିବା ପରବର୍ତ୍ତୀ ତାରିଖ ପଡିଥିବା ଚେକ୍‌ର କ୍ଲିୟରାନ୍ସ/ଦେୟ ପାଇଁ କିମ୍ବା "BAF" ସପକ୍ଷରେ ECS ନିର୍ଦ୍ଦେଶକୁ ସମ୍ମାନ ଦେବା ପାଇଁ ଡ୍ରୟର ବ୍ୟାଙ୍କର ଏକାଉଣ୍ଟରେ ଯଥେଷ୍ଟ ବାଲାନ୍ସ ରଖିବେ।ରାଶି କିମ୍ବା ସୁଧ ହିସାବ ସମ୍ପର୍କରେ ଦେଖାଦେଇଥିବା କୌଣସି ବିବାଦ ରଣକର୍ତ୍ତାଙ୍କୁ କୌଣସି EMI ର ଦେୟ ପ୍ରଦାନ ସ୍ଥଗିତ ରଖିବାକୁ ସକ୍ଷମ କରିବ ନାହିଁ।

7.3 ଯଦି କୌଣସି ଚେକ୍ କିମ୍ବା ECS ମ୍ୟାଣ୍ଡେଟ୍‌କୁ ଅସମ୍ମାନିତ କରାଯାଇଥାଏ, ଅନୁସୂଚୀରେ ନିର୍ଦ୍ଧାରିତ ହୋଇଥିବା ପରି ଅସମ୍ମାନ ଦେୟ ବା ଡିସହନର୍ ଚାର୍ଜ୍, ରଣକର୍ତ୍ତାଙ୍କ ଏକାଉଣ୍ଟରେ ଲାଗୁ/ଡେବିଟ୍ କରାଯିବ ଏବଂ ତାହା ମୀମାଂସାଯୋଗ୍ୟ ସାଧନ ଅଧିନିୟମ, 1881 ଯାହା ଦେୟ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଆଇନ୍ 2007 ର ବ୍ୟବସ୍ଥାଗୁଡିକ ଅଧୀନରେ ସଂଶୋଧିତ ଓ ଅଦ୍ୟତିତ ହୋଇଛି ତାହାର ଅନୁସୂଚୀ 138-142 ଅଧୀନରେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ BAF ର ଅଧିକାରରଅ ପକ୍ଷପାତିତା ବିନା ଏବଂ ବ୍ୟତିରେକ ହେବ।
ରଣ ସୁବିଧା ସମ୍ପର୍କରେ, "BAF":

8. "BAFର" ଅଧିକାରଗୁଡିକ:

ରଣ ସୁବିଧା ସମ୍ପର୍କରେ, "BAF":

କ. ଏହି ଚୁକ୍ତି ଅଧୀନରେ ରଣକର୍ତ୍ତାଙ୍କ ଦ୍ୱାରା ଦେବାକୁ ଥିବା ଏବଂ/କିମ୍ବା ଦେୟଯୋଗ୍ୟ ଅର୍ଥରାଶି ଦିଗରେ ଯାନ ସମ୍ପର୍କରେ ବୀମାର ଜଣେ ଗ୍ରହୀତା ଭାବେ ଏହା ଗ୍ରହଣ କରିବାର ସମ୍ଭାବନା ଥିବା କୌଣସି ଦେୟ ପ୍ରାପ୍ତ ପ୍ରାପ୍ତ ଏବଂ ବ୍ୟବସ୍ଥିତ କରିବା ପାଇଁ ପାଇଁ ଅଧିକାର ରହିବ;

ଖ. ଯାନର ସ୍ଥିତି ଏବଂ ଅବସ୍ଥା ନିରୀକ୍ଷଣ କରିବାକୁ ଅଧିକାର ରହିବ ଏବଂ ରଣକର୍ତ୍ତା(ଗଣ) "BAF" କର୍ମକର୍ତ୍ତା ଏବଂ ପ୍ରତିନିଧିଙ୍କୁ ସମସ୍ତ ଯଥାର୍ଥ ସମୟରେ ଯାନର ସ୍ଥିତି ଓ ଅବସ୍ଥା ଏବଂ ସେଥି ସମ୍ପର୍କିତ ଦଲିଲ ବା ଡକ୍ୟୁମେଣ୍ଟଗୁଡିକ ଯଥା ବୀମା ପଲିସି ନିରୀକ୍ଷଣ, ପରୀକ୍ଷା କରିବାକୁ ଅନୁମତି ଦେବେ/ଅନୁମୋଦନ କରିବେ ଏବଂ / କିମ୍ବା ନିଜ ଖର୍ଚ୍ଚରେ ରଣକର୍ତ୍ତା ସେଗୁଡିକର ପର୍ଯ୍ୟବେକ୍ଷଣ ପାଇଁ BAF ନିକଟରେ ଉପସ୍ଥାପନ କରିବେ ଏବଂ ଯାନକୁ ପର୍ଯ୍ୟବେକ୍ଷଣ, ପରୀକ୍ଷା ଏବଂ ପୁନର୍ଦଖଲ (ଏହି ଚୁକ୍ତିର ଚୁକ୍ତି ଓ ସର୍ତ୍ତାବଳୀ ଉଲ୍ଲଙ୍ଘନ କ୍ଷେତ୍ରରେ) କରିବା ଉଦ୍ଦେଶ୍ୟରେ ଯାନ ରଖାଯାଇଥିବା ପରିସରେ ପ୍ରବେଶ କରିବା ପାଇଁ ରଣ ପ୍ରଦାନକାରୀ ସଂସ୍ଥାର ଅପ୍ରତିବନ୍ଧିତ ଅଧିକାର ରହିବ;

ଗ. "BAFର" ଅନ୍ୟ ଅଧିକାରଗୁଡିକର ପୂର୍ବଧାରଣାଗତ ମତକୁ ବିଚାରକୁ ନନେଇ, ରଣ ଚୁକ୍ତିର ଚୁକ୍ତି ଓ ସର୍ତ୍ତାବଳୀର ଉଲ୍ଲଙ୍ଘନ ଘଟଣାରେ ଯଥା ଦେୟ ପ୍ରଦାନ କରିବାରେ ବିଚ୍ୟୁତି କିମ୍ବା "BAFର" ସିକ୍ୟୁରିଟି ତାହା ହେଉଛି "BAF" ସପକ୍ଷରେ ବନ୍ଧକ ରଖାଯାଇଥିବା ଯାନ ଉପରେ ଆଶଙ୍କା ରହିଥିବା, ସଙ୍କଟରେ ପଡିଥିବା କ୍ଷେତ୍ରରେ, ଯାନର ପାର୍ଥିବ ଦଖଲ ନେବାର ସମସ୍ତ ଅଧିକାର "BAF" ନିକଟରେ ରହିବ ଯାହା ଏହା ନିଜେ କିମ୍ବା ଏହାର ଏଜେଣ୍ଟ କିମ୍ବା ପ୍ରତିନିଧିଙ୍କ ମାଧ୍ୟମରେ କରିଥାଏ ଏବଂ ବକେୟା ରଣ ରାଶି କିମ୍ବା ବାକି ଟଙ୍କା ପୁନରୁଦ୍ଧାର କିମ୍ବା ଆଦାୟ କରିବା ପାଇଁ ଯାନ ବିକ୍ରି କରିବାକୁ କିମ୍ବା ଅନ୍ୟଥା ଡିଲ୍ କରିବାକୁ ଅଧିକାର ରହିବ। ରଣକର୍ତ୍ତା "BAF" କୁ ଯେକୌଣସି ନିଅଣ୍ଟ ରାଶି ପ୍ରଦାନ କରିବାକୁ ଉତ୍ତରଦାୟୀ ହେବେ। ଏହି ଧାରାରେ ଏପରି କିଛି ବିଷୟ ନାହିଁ ଯାହା BAF କୁ ଯାନ ବିକ୍ରି କରିବାକୁ ବାଧ କରିବ ଏବଂ BAF ଏହିଭଳି ସିକ୍ୟୁରିଟିର ରଣକର୍ତ୍ତା ଏବଂ ଗ୍ୟାରେଣ୍ଟର୍‌ଙ୍କ ବିପକ୍ଷରେ ସ୍ୱାଧୀନ ଭବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହକଦାର ହେବେ;

ଘ. ଯେକୌଣସି ପଞ୍ଜିକରଣକାରୀ କର୍ତ୍ତୃପକ୍ଷ ବା ରେଜିଷ୍ଟରିଂ ଅଥୋରିଟି, ବୀମାକାରୀ, ଉକ୍ତ ଯାନର ନିର୍ମାତା କିମ୍ବା ଏହାର ଡିଲର୍/ ବିକ୍ରେତାଙ୍କ ଠାରୁ କୌଣସି ଫର୍ମ, ପ୍ରମାଣପତ୍ର ପଞ୍ଜିକରଣ ପୁସ୍ତକ, ବୀମା ପଲିସି କିମ୍ବା ଅନ୍ୟ ଦଲିଲ ବା ଡକ୍ୟୁମେଣ୍ଟଗୁଡିକ ହାସଲ, ପ୍ରାପ୍ତ, ଦାବି କିମ୍ବା ସଂଗ୍ରହ କରିବାର ଅଧିକାର ରହିବ;

ଙ. ରଣକର୍ତ୍ତା, ତାଙ୍କର ଏକାଉଣ୍ଟ, "BAF" ସହିତ ସମ୍ପର୍କ ଏବଂ/କିମ୍ବା ରଣକର୍ତ୍ତାଙ୍କ ଦ୍ୱାରା କରାଯାଇଥିବା ଯେକୌଣସି ବିଚ୍ୟୁତି କିମ୍ବା ଡିଫଲ୍ଟ (ଏହିଭଳି ସୂଚନା ରଣକର୍ତ୍ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ କିମ୍ବା "BAF" ନିଜେ ସଂଗ୍ରହ କରିଥାଏ ତାହା ଯାହା ହେଉନା କାହିଁକି ଏବଂ ପରିଶୋଧ ଆଚରଣ, ମୂଲ୍ୟାୟନ କିମ୍ବା ଡିଫଲ୍ଟ ରୂପରେ ତାହା ଯାହା ହେଉନା କାହିଁକି) ସମ୍ପର୍କରେ ଯେକୌଣସି ସୂଚନା ଏହାର ମୁଖ୍ୟ କାର୍ଯ୍ୟାଳୟ, ଅନ୍ୟ ଶାଖା କାର୍ଯ୍ୟାଳୟ, ସହବନ୍ଧିତ ସତ୍ତା ବା ଏଣ୍ଟିଟିଗୁଡିକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଯେକୌଣସି ରିଫାଇନାନ୍ସିଂ ଏଜେନ୍ସି, ଆହୁରିମଧ ଆଦାଲତର ନିର୍ଦ୍ଦେଶ ଅଧୀନରେ କିମ୍ବା ବୈଧାନିକ ସଂସ୍ଥାଗୁଡିକ ଏବଂ ଏହିଭଳି ତୃତୀୟ ପକ୍ଷଗୁଡିକୁ ପ୍ରକାଶ କରିବାକୁ ହକଦାର ହେବ ଯାହା "BAF" ଏହାର ଏକକ ଏବଂ ସ୍ୱତନ୍ତ୍ର ଅଧିକାର ବଳରେ ଉପଯୁକ୍ତ ଏବଂ ଯଥାର୍ଥ ବୋଲି ବିବେଚନା କରିଥାଏ। "BAF" ରଣ ସୁବିଧା ଏବଂ/କିମ୍ବା ରଣକର୍ତ୍ତାଙ୍କ ସମ୍ପର୍କରେ ଯେକୌଣସି ସୂଚନା ଯାହା ଏହା ଉପଯୁକ୍ତ ବୋଲି ବିଚାର କରିଥାଏ ତାହା ଯେକୌଣସି ତୃତୀୟ ପକ୍ଷ ଠାରୁ ମାଗିବା ଏବଂ ପ୍ରାପ୍ତ କରିବା ପାଇଁ "BAF" ହକଦାର ହେବ; ଏବଂ

ଚ. ଉନ୍ମୋଚନ ଧାରା ବା ଡିସକ୍ଲୋଜର୍ କ୍ଲଜ୍ : ରଣକର୍ତ୍ତା(ଗଣ) ରାଜି ହୋଇଛନ୍ତି, ଅଙ୍ଗୀକାର ଓ ସୁନିଶ୍ଚିତ କରିଛନ୍ତି ଯେ ରଣକର୍ତ୍ତାଙ୍କ ରଣ ଯଥାର୍ଥତା ବା କ୍ରେଡିଟ୍ ୱର୍ଦିନେସ୍ ନିର୍ଣ୍ଣୟ କରିବା ପାଇଁ ଏବଂ ଅନ୍ୟ ସୂଚନାଗୁଡିକ ପାଇଁ BAF ରଣକର୍ତ୍ତା(ଗଣ)ଙ୍କ ଅତୀତ ଏବଂ ବର୍ତ୍ତମାନର ରଣ ଏବଂ ପରିଶୋଧ ଶୈଳୀଗୁଡିକ ସମ୍ବନ୍ଧରେ କୌଣସି ସୂଚନା ପାଇଁ କ୍ରେଡିଟ୍ ବ୍ୟୁରୋ ସେବାଗୁଡିକରେ ଲିପ୍ତ ଅନ୍ୟ ବ୍ୟାଙ୍କ/ଆର୍ଥିକ ପ୍ରତିଷ୍ଠାନଗୁଡିକୁ ସମ୍ପର୍କ କରିପାରେ; ଏବଂ BAF ଯେକୌଣସି ଏବଂ ସମସ୍ତ ଆର୍ଥିକ ସୂଚନା ଅନ୍ୟ ଆର୍ଥିକ ସଂସ୍ଥାଗୁଡିକ କିମ୍ବା ଅନ୍ୟ ଯେକୌଣସି ସଂସ୍ଥା ସହିତ ବାଣ୍ଟିବା ପାଇଁ ମୁକ୍ତ ହେବ। ବ୍ୟାଙ୍କ/ଆର୍ଥିକ ପ୍ରତିଷ୍ଠାନ/ କ୍ରେଡିଟ୍ ବ୍ୟୁରୋ/ ଅନ୍ୟ ସଂସ୍ଥାଗୁଡିକ ଦ୍ୱାରା ଏହିଭଳି ସୂଚନାର ବ୍ୟବହାର ପାଇଁ ରଣକର୍ତ୍ତା (ମାନେ) BAF କୁ ଦାୟୀ ଏବଂ ଉତ୍ତରଦାୟୀ କରିବେ ନାହିଁ।

9. କ) ବିଚ୍ୟୁତି ବା ଡିଫଲ୍ଟ ଘଟଣା।

ନିମ୍ନଲିଖିତ ଘଟଣାଗୁଡିକ ମଧ୍ୟରୁ କୌଣସି ଗୋଟିଏ କିମ୍ବା ଅଧିକ ଘଟିବା କ୍ଷେତ୍ରରେ ରଣର ବନ୍ଦୋବସ୍ତ ପାଇଁ ("BAF" ର ଏକକ ଅଧିକାର ବଳରେ) "BAF" ରଣକର୍ତ୍ତାଙ୍କୁ ଏକ ଲିଖିତ ନୋଟିସ୍ ଜରିଆରେ ରଣ ଅଧୀନରେ ସମସ୍ତ ବକେୟା ରାଶି (ଯଥା ମୂଳଧନ, ସୁଧ, ଦେୟ, ବ୍ୟୟ) କୌଣସି ସହମତ ହୋଇଥିବା ପରିପକ୍ୱତା ବା ମାଚ୍ୟୁରିଟିକୁ ବିଚାରକୁ ନ ନେଇ ତୁରନ୍ତ ଦେୟଯୋଗ୍ୟ ଏବଂ ବାଧ୍ୟତାମୂଳକ ରୂପେ ଦେୟ ପ୍ରଦାନ କରିବାକୁ ଏବଂ "BAF" ସପକ୍ଷରେ ସୃଷ୍ଟି ହୋଇଥିବା ସିକ୍ୟୁରିଟି ପ୍ରବର୍ତ୍ତନ କରିବାକୁ ଘୋଷଣା କରିପାରନ୍ତି ;

ବୁସନ୍ ଅଟୋ ଫାଇନାନ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (Bussan Auto Finance India Private Limited) ନିମନ୍ତେ

☞ **ରଣକର୍ତ୍ତା**

X ସହ-ରଣକର୍ତ୍ତା

✓ ଗ୍ୟାରେଣ୍ଟର୍

ପ୍ରାଧିକୃତ ହସ୍ତାକ୍ଷରକାରୀ

(କ) ରଣକର୍ତ୍ତା(ଗଣ) ଏଠାରେ ରହିଥିବା ଉପାୟରେ ଋଣ କିମ୍ବା କୌଣସି ଫି, ଦେୟ, ଖର୍ଚ୍ଚ ଏବଂ କୌଣସି ଗୋଟିଏ EMI କିମ୍ବା ତାହାର ଅଂଶ ପ୍ରଦାନ କରିବାକୁ ବିଫଳ ହେବା କିମ୍ବା ଏହା ଅଧୀନରେ ପାଇବାକୁ ଥିବା ଅନ୍ୟ ରାଶି ଧାର୍ଯ୍ୟ ସମୟ ପରେ ପ୍ରଦାନ ନ କରାଯିବା।

(ଖ) ରଣକର୍ତ୍ତା(ଗଣ) ନିର୍ଦ୍ଧାରିତ ଫର୍ମରେ ଯାନର ଟିକିନିଖି ବିଷୟ ଦାଖଲ କରିବାକୁ ବିଫଳ ହେବା; କିମ୍ବା

(ଗ) ରଣକର୍ତ୍ତା BAF କୁ ପଞ୍ଜିକରଣ ପ୍ରମାଣପତ୍ରର ଏକ ନକଲ ବା କପି ଯୋଗାଇ ଦେବା ପାଇଁ ବିଫଳ ହେବା;

(ଘ) ରଣକର୍ତ୍ତା ଏହି ଚୁକ୍ତି କରାଯିବାର 30 ଦିନର ଏକ ଯଥାର୍ଥ ଅବଧି ଭିତରେ ଯାନର ଆର୍‌ସି ବୁକ୍ ରେ କାର୍ଯ୍ୟକାରୀ କରାଯାଇଥିବା ବନ୍ଧକ ପ୍ରକ୍ରିୟାର ଅନୁମୋଦନ (BAF ସପକ୍ଷରେ) କରାଇବାରେ ବିଫଳ ହେବା;

(ଙ) ଏହା ସମ୍ବନ୍ଧରେ ଚୁକ୍ତି ଓ ସର୍ତ୍ତାବଳୀ ଅନୁଯାୟୀ ରଣକର୍ତ୍ତାଙ୍କ ଦ୍ୱାରା BAF କୁ ବିତରଣ ହୋଇଥିବା କିମ୍ବା ବିତରଣ କରାଯିବାକୁ ଥିବା କୌଣସି PDC କୌଣସି କାରଣ ପାଇଁ ତାହା ଯାହା ହେଉନା କାହିଁକି ଯଥା ରଣକର୍ତ୍ତାଙ୍କ ଦ୍ୱାରା ଦେୟ ସ୍ଥଗିତ ନିର୍ଦ୍ଦେଶାବଳୀ କାରଣରୁ ଏହାର ବ୍ୟାଙ୍କରଙ୍କ ଦ୍ୱାରା ଅଦେୟ ଫେରସ୍ତ ହେବା କିମ୍ବା ECS ମ୍ୟାଣ୍ଡେଟ୍‌କୁ ସମ୍ମାନ ଦିଆନଯିବା ;

(ଚ) ଯାନ ଚୋରି ହୋଇଯାଇଛି କିମ୍ବା ଯାନର ପତ୍ତା ମିଳୁନାହିଁ କାରଣ ଯାହା ହେଉନା କାହିଁକି କିମ୍ବା BAF ମତରେ ଏହା ଏକ ସମ୍ପୂର୍ଣ୍ଣ କ୍ଷତି ଅଟେ;

(ଛ) ରଣକର୍ତ୍ତା ବନ୍ଧକ ପ୍ରକ୍ରିୟାରେ ରହିଥିବା ଯାନ ପାଇଁ ଏହା ସମ୍ବନ୍ଧରେ ଚୁକ୍ତି ଓ ସର୍ତ୍ତାବଳୀ ଅନୁସାରେ ବୀମା ପଲିସିକୁ ସଠିକ ସମୟରେ ନବୀକରଣ ବା ରିନ୍ୟୁ କରିବାରେ, ନବୀକରଣ ହୋଇଥିବା ପଲିସିର କପି BAF ନିକଟରେ ଜମା କରିବାରେ ବିଫଳ ହୋଇଛନ୍ତି;

(ଜ) ରଣକର୍ତ୍ତା ଏହା ସମ୍ବନ୍ଧରେ ଚୁକ୍ତି ଓ ସର୍ତ୍ତାବଳୀ ଅନୁସାରେ ଅସମ୍ମାନିତ PDC ଗୁଡିକ ପାଇଁ ବ୍ୟାଙ୍କ ଦେୟ ପ୍ରଦାନ କରିବାକୁ ବିଫଳ ହୋଇଛନ୍ତି;

(ଝ) ଯେକୌଣସି ପରିସ୍ଥିତି ଘଟିଛି ଯାହାକି BAF ମତରେ ନ୍ୟାୟସଙ୍ଗତ ପୃଷ୍ଠଭୂମି ପ୍ରଦାନ କରୁଛି ଯାହା ସେହି ବିଷୟରେ କିମ୍ବା ଏହି ଚୁକ୍ତି ଅଧୀନରେ ବନ୍ଧକ ପଡିଥିବା ଯାନ କିମ୍ବା BAF ର ସ୍ୱାର୍ଥ ପ୍ରତି ବିପଦ କିମ୍ବା ଦାବି ବା ଅଧିକାରକୁ ଦୁର୍ବଳ କରିଥାଏ।

(ଞ) ରଣକର୍ତ୍ତା ଏହି ଚୁକ୍ତି ଅଧୀନରେ ତାଙ୍କର(ପୁ/ମ)/ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାରେ ବିଚ୍ୟୁତି ବା ଡିଫଲ୍ଟ କରିଛନ୍ତି କିମ୍ବା ଏହି ଚୁକ୍ତିର କୌଣସି ସର୍ତ୍ତାବଳୀ କିମ୍ବା ସର୍ତ୍ତଗୁଡିକ କିମ୍ବା "BAF" ସପକ୍ଷରେ କାର୍ଯ୍ୟକାରୀ ହୋଇଥିବା ଅନ୍ୟ କୌଣସି ସିକ୍ୟୁରିଟି ଦଲିଲ ବା ଡକ୍ୟୁମେଣ୍ଟ, ଅଙ୍ଗୀକାରଗୁଡିକ ଇତ୍ୟାଦି ଉଲ୍ଲଙ୍ଘନ କରିଛନ୍ତି;

(ଟ) ଯଦି ରଣକର୍ତ୍ତା, "BAF" ର ପୂର୍ବ ଲିଖିତ ସମ୍ମତି ବିନା ତାଙ୍କର ଯାନ ଉପରେ କୌଣସି ଚାର୍ଜ, ବନ୍ଧକ, ହେନ୍ କିମ୍ବା ଅନ୍ୟ ଆଇନଗତ ଦାବି କରିବା ପାଇଁ ପ୍ରଚେଷ୍ଟା କିମ୍ବା ସୂଚନା ଦେଉଥାନ୍ତି, ଯାହାକି ରଣକର୍ତ୍ତାଙ୍କର "BAF" କୁ ଅନ୍ୟ କୌଣସି ନୈତିକ ଦାୟିତ୍ୱ ସୁରକ୍ଷିତ କରିବା ବ୍ୟତୀତ ଉକ୍ତ ବାକି ଟଙ୍କାର ପରିଶୋଧ ପାଇଁ ସିକ୍ୟୁରିଟି ହେବ କିମ୍ବା ହୋଇଥାଏ;

(ଠ) ବ୍ୟବସାୟରେ ବିଫଳତା, "BAF" ର ପୂର୍ବ ଲିଖିତ ଅନୁମୋଦନ, ଋଣ ପ୍ରଦାନକାରୀ ସଂସ୍ଥାର ଲାଭ ପାଇଁ ସାଧାରଣ ଆଇନଗତ ହସ୍ତାନ୍ତରୀକରଣ ବ୍ୟତୀତ କମ୍ପାନୀ ଇତ୍ୟାଦିର ପରିସମାପନ ବା ଲିକ୍ୟୁଡେସନ/ ଭାଙ୍ଗିଦେବା, ମିଶ୍ରଣ କିମ୍ବା ପୁନର୍ଗଠନ କରିବା, ଯଦି ରଣକର୍ତ୍ତା ଯେକେହି ଋଣ ପ୍ରଦାନକାରୀ ସଂସ୍ଥାକୁ ଦେୟ ନିଲମ୍ବନ କରିଥାନ୍ତି କିମ୍ବା ଏହା କରିବା ପାଇଁ ଧମକ ଦେଇଥାନ୍ତି, ରଣକର୍ତ୍ତାଙ୍କ ବିପକ୍ଷରେ ଭୟଭୀତ କରାଇବାର କୌଣସି ପିଟିସନ୍ ଦାଖଲ ହେବ

(ଡ) ଋଣ ସୁବିଧା ହାସଲ କରିବା ପାଇଁ ଏଠାରେ ରଣକର୍ତ୍ତାଙ୍କ ଦ୍ୱାରା ତାଙ୍କର/ସେମାନଙ୍କର କୌଣସି ଉପସ୍ଥାପନା, ୱାରେଣ୍ଟିରେ ପ୍ରଦାନ କରାଯାଇଥିବା କୌଣସି ସୂଚନା ଭୁଲ୍ କିମ୍ବା ଅସତ୍ୟ କିମ୍ବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁଚା ଯାଇଥିବା ଜଣାପଡିଲେ କିମ୍ବା ସାବ୍ୟସ୍ତ ହେଲେ;

(ଢ) ଯଦି ରଣକର୍ତ୍ତାଙ୍କ ସମ୍ପତ୍ତି/ ସମ୍ବଳର ସମଗ୍ର କିମ୍ବା କୌଣସି ଅଂଶ ପରିପ୍ରେକ୍ଷୀରେ ଜଣେ ପ୍ରାପ୍ତେଷ୍ଟୁ ନିଯୁକ୍ତ କରାଯାଇଥାଏ କିମ୍ବା କିମ୍ବା ଯଦି ରଣକର୍ତ୍ତାଙ୍କ ବିପକ୍ଷରେ କୌଣସି କୋରଖ, ଚଳନ୍ତି ସମ୍ପତ୍ତିର ବାଜ୍ୟାପ୍ତି, ମୃତ୍ୟୁଦଣ୍ଡ କିମ୍ବା ଅନ୍ୟ ପ୍ରକ୍ରିୟା ରହିଥାଏ, କିମ୍ବା ସିକ୍ୟୁରିଟିଗୁଡିକ ମଧ୍ୟରୁ କୌଣସିଟି ପ୍ରବର୍ତ୍ତନ କିମ୍ବା ଲାଗୁ କରାଯାଇଥାଏ;

(ଣ) ଯଦି ରଣକର୍ତ୍ତାଙ୍କ ବିପକ୍ଷରେ କୌଣସି କୋରଖ, ଚଳନ୍ତି ସମ୍ପତ୍ତିର ବାଜ୍ୟାପ୍ତି, ମୃତ୍ୟୁଦଣ୍ଡ କିମ୍ବା ଅନ୍ୟ ପ୍ରକ୍ରିୟା ରହିଥାଏ, କିମ୍ବା ସିକ୍ୟୁରିଟିଗୁଡିକ ମଧ୍ୟରୁ କୌଣସିଟି ପ୍ରବର୍ତ୍ତନ କିମ୍ବା ଲାଗୁ କରାଯାଇଥାଏ;

(ତ) ରଣକର୍ତ୍ତା ଦେବାଳିଆ ହୋଇଥିବା ଘୋଷଣା କରିବା ପାଇଁ "BAF" ବ୍ୟତୀତ ଅନ୍ୟ କେହି ବ୍ୟକ୍ତି କାର୍ଯ୍ୟପନ୍ଥା ଆରମ୍ଭ କରୁଛନ୍ତି କିମ୍ବା ଯଦି ରଣକର୍ତ୍ତା ଋଣଗ୍ରସ୍ତ କିମ୍ବା ଦେବାଳିଆ ହୋଇପଡିଛନ୍ତି କିମ୍ବା ଦେବାଳିଆ ଅବସ୍ଥାର କାର୍ଯ୍ୟ କରିଛନ୍ତି;

(ଥ) ଯଦି ଯାନ କୌଣସି ପ୍ରକାରେ ନଷ୍ଟ ହୋଇଥାଏ, ବିକ୍ରି କରାଯାଇଥାଏ, ବାହାର କରାଯାଇଥାଏ, ମାଲିକାନା ସତ୍ତ୍ୱ ହସ୍ତାନ୍ତର କରାଯାଇଥାଏ, ସଂଯୁକ୍ତ କରାଯାଇଥାଏ କିମ୍ବା ନିୟନ୍ତ୍ରଣରେ ରଖାଯାଇଥାଏ;

(ଦ) ରଣକର୍ତ୍ତା ଏଠାରେ ପ୍ରଦାନ କରାଯାଇଥିବା ସିକ୍ୟୁରିଟି ସୃଷ୍ଟି କରିବାକୁ ବିଫଳ ହୋଇଛନ୍ତି;

(ଧ) "BAF" ର ପୂର୍ବ ଲିଖିତ ସମ୍ମତି ବିନା କିମ୍ବା ମ୍ୟାନେଜମେଣ୍ଟ "BAF" ଉପଭୋଗ କରିବା ଶେଷ ହେବା ପରେ ମଧ୍ୟ ରଣକର୍ତ୍ତାଙ୍କର ଗଠନ କିମ୍ବା ପରିଚାଳନା ବା ମ୍ୟାନେଜମେଣ୍ଟରେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିବା ଉପରେ, ଯାହାକି BAF ପାଇଁ ନିର୍ଣ୍ଣାୟକ ହୋଇଥାଏ କିମ୍ବା ଏହାର ସ୍ୱାର୍ଥ ପାଇଁ ବିପଦ ଆଣିଥାଏ;

(ନ) ଯେତେବେଳେ "BAF" ଦ୍ୱାରା ଆବଶ୍ୟକ ହୁଏ, ଯଦି ରଣକର୍ତ୍ତା "BAF" ଠାରୁ ଏପରି ଅନୁରୋଧ ପ୍ରାପ୍ତ କରିବାର 10(ଦଶ)ଦିନ ମଧ୍ୟରେ "BAF" କୁ ଋଣର ସବିଶେଷ ବିବରଣୀ ପ୍ରଦାନ କରିବାରେ ବିଫଳ ହୁଅନ୍ତି

(ପ) ଯଦି ରଣକର୍ତ୍ତା ଯାନକୁ ବ୍ୟବସାୟିକ କିମ୍ବା ବେଆଇନ୍ ଉଦ୍ଦେଶ୍ୟରେ ନିୟୋଜିତ କରିଥନ୍ତି;

(ଫ) "BAF" ଯେକୌଣସି ନିୟାମକ କିମ୍ବା ଅନ୍ୟ କାରଣ ପାଇଁ, ଋଣ ଜାରି ରଖିବାକୁ ଅନିଚ୍ଛୁକ କିମ୍ବା ଅସମର୍ଥ ହୋଇଥାନ୍ତି;

(ବ) BAF ଏବଂ ରଣକର୍ତ୍ତାଙ୍କ ମଧ୍ୟରେ କରାଯାଇଥିବା ଅନ୍ୟ କୌଣସି ଚୁକ୍ତି ଅଧୀନରେ ନିଜର ଉତ୍ତରଦାୟିତ୍ୱ ସମ୍ପାଦନ କରିବାରେ ରଣକର୍ତ୍ତାଙ୍କ ଦ୍ୱାରା କରାଯାଇଥିବା କୌଣସି ବିଚ୍ୟୁତି ବା ଡିଫଲ୍ଟ।

ଖ) ଏକ ଡିଫଲ୍ଟ ଘଟଣା ଘଟିବା ଉପରେ ବିଜ୍ଞପ୍ତି ବା ନୋଟିସ୍

ଯଦି କୌଣସି ଡିଫଲ୍ଟ ଘଟଣା କିମ୍ବା ଯେକୌଣସି ଘଟଣା ଯାହାକି, ନୋଟିସ୍ ପରେ କିମ୍ବା ସମୟ ଅତିକ୍ରାନ୍ତ ହେବା ପରେ ଘଟିଥାଏ କିମ୍ବା ଉଭୟ ଏକ ଡିଫଲ୍ଟ ଘଟଣା ଗଠନ କରିବ, ତେବେ ରଣକର୍ତ୍ତା ଏହିଭଳି ଡିଫଲ୍ଟ ଘଟଣା, କିମ୍ବା ଏହିଭଳି ଘଟଣାକୁ ଲିଖିତ ରୂପେ ପ୍ରକାଶ କରି 15 ଦିନ ମଧ୍ୟରେ ଏହାର ନୋଟିସ୍ "BAF"କୁ ପ୍ରଦାନ କରିବେ।

ଗ) ଡିଫଲ୍ଟର ପରିଣତିଗୁଡିକ

I. ଉପରେ ଦର୍ଶାଯାଇଥିବା କୌଣସି ଡିଫଲ୍ଟ ଘଟଣାରେ, କୌଣସି ସମ୍ମତ ପରିପକ୍ୱତା ବା ମାଚ୍ୟୁରିଟିକୁ ବିଚାରକୁ ନନେଇ, "BAF" ର ଅଧିକାର ରହିବ:

କ) ଋଣର ସମସ୍ତ ବକେୟା ରାଶିର ପୁନରୁଦ୍ଧାର ପାଇଁ ଋଣ ନିର୍ଦ୍ଧାରଣ କରିବା ଏବଂ ଋଣ ଫେରସ୍ତ ବିଜ୍ଞପ୍ତି ପଠାଇବା;

ଖ) ନିଜ ଦ୍ୱାରା କିମ୍ବା ଆଟର୍ନି କିମ୍ବା ପ୍ରାଧିକୃତ ପ୍ରତିନିଧି, ସଂସ୍ଥା ଇତ୍ୟାଦି, ଯେଉଁମାନେ "BAF" ଦ୍ୱାରା ଆଇନ୍ ଅଧୀନରେ ନିର୍ଦ୍ଧାରିତ ପଦ୍ଧତି ଅନୁଯାୟୀ ନିଯୁକ୍ତ ହୋଇପାରନ୍ତି, ତାହା ଯାହା ହେଉନା କାହିଁକି ଯାନର ଦଖଲ ନେବା ପାଇଁ;

ଗ) ମଧ୍ୟସ୍ଥତା ଦ୍ୱାରା ନିଷ୍ପତ୍ତି ଏବଂ ସନ୍ତୁଷ୍ଟୀକରଣ ଆଇନ୍, 1996 ଅନୁଯାୟୀ ମଧ୍ୟସ୍ଥତା ଦ୍ୱାରା ସାଲିସ କାର୍ଯ୍ୟପନ୍ଥା ଆରମ୍ଭ କରିବାକୁ।

ଘ) ଏହାର ବକେୟା ରାଶିର ଆଦାୟ ଏବଂ ସିକ୍ୟୁରିଟିଗୁଡିକର ପ୍ରବର୍ତ୍ତନ ପାଇଁ ଉପଯୁକ୍ତ ବୋଲି ବିବେଚିତ ହେଉଥିବା ଅନ୍ୟ ଯେକୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା।

II. ରଣକର୍ତ୍ତାଙ୍କୁ ନୋଟିସ୍ ପ୍ରଦାନ କରିବା:

କ. BAF ରଣକର୍ତ୍ତାଙ୍କ ସହ ନିଜେ ଏବଂ/କିମ୍ବା ଏହାର ପ୍ରାଧିକୃତ ପ୍ରତିନିଧି କିମ୍ବା ଏଜେଣ୍ଟମାନଙ୍କ ମାଧ୍ୟମରେ ଲିଖିତ ଏବଂ/କିମ୍ବା ଟେଲିଫୋନ୍ ଜରିଆରେ ଏବଂ/କିମ୍ବା ବ୍ୟକ୍ତିଗତ ରୂପେ ମୌଖିକ ଯୋଗାଯୋଗ ଉପାୟରେ ଯୋଗାଯୋଗ କରିବ।

ଖ. BAF ଏବଂ/କିମ୍ବା ଏହାର ଏଜେଣ୍ଟ ଏବଂ/କିମ୍ବା ପ୍ରାଧିକୃତ ପ୍ରତିନିଧିମାନେ ରଣକର୍ତ୍ତାଙ୍କ ବାସସ୍ଥାନ କିମ୍ବା ସଦ୍ୟତମ ଜ୍ଞାତ ବାସସ୍ଥାନ କିମ୍ବା ଅନ୍ୟ କୌଣସି ସ୍ଥାନ ଯାହା ହୁଏତ ରଣକର୍ତ୍ତାଙ୍କ ଦ୍ୱାରା ଅନୁରୋଧ କରାଯାଇପାରେ ସେଠାକୁ ଯାଇପାରନ୍ତି।

ଗ. ଋଣ ଚୁକ୍ତି ଅନୁସାରେ ବାସସ୍ଥାନ କିମ୍ବା ରଣକର୍ତ୍ତାଙ୍କ ଦ୍ୱାରା BAF କୁ ଲିଖିତ ରୂପେ ଉପଯୁକ୍ତ ଆନୁଷଙ୍ଗିକ ଦସ୍ତାବିଜ ବା ଡକ୍ୟୁମେଣ୍ଟଗୁଡିକ ସହିତ ପ୍ରଦାନ କରାଯାଇଥିବା ସଦ୍ୟତମ ଠିକଣାରେ ଲିଖିତ ଭାବେ ଯଥାର୍ଥ ନୋଟିସ୍ ପଦାନ ନକରି BAF ଯାନର ପୁନର୍ଦ୍ଦଖଲ ସମେତ ଯେକୌଣସି ଆଇନଗତ କିମ୍ବା ଅନ୍ୟ ପୁନରୁଦ୍ଧାର ପଦକ୍ଷେପଗୁଡିକ ଆରମ୍ଭ କରିବ ନାହିଁ।

ଘ. ଯାନର ପୁନର୍ଦ୍ଦଖଲ ପ୍ରକ୍ରିୟା କିମ୍ବା ଆବଶ୍ୟକ ହେଉଥିବା ଅନ୍ୟ ଯେକୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବା ପୂର୍ବରୁ ବକେୟା ରାଶି ପ୍ରଦାନ କରିବା ପାଇଁ ରଣକର୍ତ୍ତାଙ୍କୁ 7 ଦିନର ଏକ ନୋଟିସ୍ ପ୍ରଦାନ କରାଯିବ।

III. ପରିସ୍ଥିତିଗୁଡିକ ଯାହା ଅଧୀନରେ ନୋଟିସ୍ ଅବଧିକୁ ପରିତ୍ୟାଗ କରାଯାଇପାରିବ:

ନିମ୍ନଲିଖିତ ପରିସ୍ଥିତିରେ ରଣକର୍ତ୍ତାଙ୍କୁ ନୋଟିସ୍ ପରିତ୍ୟାଗ କରାଯାଇପାରିବ

କ) ଯେକୌଣସି ପରିସ୍ଥିତି ଉତ୍ପନ୍ନ ହୁଏ ଯାହାକି BAF ମତରେ ନ୍ୟାୟସଙ୍ଗତ ପୃଷ୍ଠଭୂମି ପ୍ରଦାନ କରୁଛି ଯାହା ସେହି ବିଷୟରେ କିମ୍ବା ଏହି ଚୁକ୍ତି ଅନ୍ତର୍ଗତ ବନ୍ଧକ ପଡିଥିବା ଯାନ କିମ୍ବା BAF ର ହିତ ପ୍ରତି ବିପଦ ସୃଷ୍ଟି କରିବାର କିମ୍ବା ଦାବି ବା ଅଧିକାରକୁ ଦୁର୍ବଳ କରିବାର ସମ୍ଭାବନା ରହିଥାଏ;

ଖ) ଯଦି ରଣକର୍ତ୍ତା, "BAF" ର ପୂର୍ବ ଲିଖିତ ସମ୍ମତି ବିନା ତାଙ୍କର ଯାନ ଉପରେ କୌଣସି ଚାର୍ଜ, ବନ୍ଧକ, ହେନ୍ କିମ୍ବା ଅନ୍ୟ ଆଇନଗତ ଦାବି କରିବା ପାଇଁ ପ୍ରଚେଷ୍ଟା କିମ୍ବା ସୂଚନା ଦେଉଥାନ୍ତି, ଯାହାକି ରଣକର୍ତ୍ତାଙ୍କର "BAF" କୁ ଅନ୍ୟ କୌଣସି ଦେୟତା ସୁରକ୍ଷିତ କରିବା ପାଇଁ କଥିତ ବାକି ଟଙ୍କାର ପରିଶୋଧ ପାଇଁ ସିକ୍ୟୁରିଟି ହୋଇଥାଏ କିମ୍ବା ହେବ;

ଗ) ଋଣ ସୁବିଧା ହାସଲ କରିବା ପାଇଁ ଏଠାରେ ରଣକର୍ତ୍ତାଙ୍କ ଦ୍ୱାରା ତାଙ୍କର(ପୁ/ମ)/ସେମାନଙ୍କର କୌଣସି ଉପସ୍ଥାପନା, ୱାରେଣ୍ଟିରେ ପ୍ରଦାନ କରାଯାଇଥିବା କୌଣସି ସୂଚନା ଭୁଲ୍ କିମ୍ବା ଅସତ୍ୟ କିମ୍ବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁଚା ଯାଇଥିବା ଜଣାପଡିଲେ କିମ୍ବା ସାବ୍ୟସ୍ତ ହେଲେ;

ଘ) ଯଦି ରଣକର୍ତ୍ତା ଯାନକୁ ବ୍ୟବସାୟିକ କିମ୍ବା ବେଆଇନ୍ ଉଦ୍ଦେଶ୍ୟରେ ନିୟୋଜିତ କରିଥନ୍ତି;

IV. ଯାନର ପୁନର୍ଦ୍ଦଖଲ:

ପୁନର୍ଦ୍ଦଖଲ ପ୍ରକ୍ରିୟା ଆରମ୍ଭ କରାଯିବା ପୂର୍ବରୁ ରଣକର୍ତ୍ତାଙ୍କୁ ଲିଖିତ ନୋଟିସ୍ ପଠାଯିବ।

ମଧ୍ୟସ୍ଥତା ଦ୍ୱାରା ନିଷ୍ପତ୍ତି ଏବଂ ସନ୍ତୁଷ୍ଟୀକରଣ ଆଇନ୍, 1996 ଅଧୀନରେ ରହିଥିବା ଯେକୌଣସି ବ୍ୟବସ୍ଥା ଅଧୀନରେ ଆଦାଲତରୁ କିମ୍ବା ଯେକେହି ଯୋଗ୍ୟ କର୍ତ୍ତୃପକ୍ଷ, ମାମଲାଟି ଯେପରି ହୋଇପାରେ, ତାଙ୍କ ଠାରୁ ରିସିଭର ଅର୍ଡର ପାଇବା ପରେ ଯାନର ପୁନର୍ଦ୍ଦଖଲ କରାଯିବ।

ଅଦାଲତ କିମ୍ବା ଯେକେହି ଯୋଗ୍ୟ କର୍ତ୍ତୃପକ୍ଷଙ୍କ ଆଦେଶ ଅନୁସାରେ କରାଯାଉଥିବା ଯାନର ପୁନର୍ଦ୍ଦଖଲକୁ ପ୍ରତିରୋଧ, ଆପତ୍ତି କିମ୍ବା ବିରୋଧ ନ କରିବା ରଣକର୍ତ୍ତାଙ୍କର ଦାୟିତ୍ୱ ହେବ। BAF ଯାନର ଏକ ପଦାର୍ଥସମୂହର ସବିଶେଷ ତାଲିକା ବା ଇନଭେଣ୍ଟୋରି ଫର୍ଦ୍ଦ ରଣକର୍ତ୍ତାଙ୍କୁ ପ୍ରଦାନ କରିବେ।

ଯାନକୁ ପୁନର୍ଦ୍ଦଖଲ କରିବା ପରେ ଯାନର ନିରାପତ୍ତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ BAF ସମସ୍ତ ଯଥାର୍ଥ ଯତ୍ନ ନେବେ। ଯାନର ପୁନର୍ଦ୍ଦଖଲ ଏବଂ ଏହାର ତତ୍ତ୍ୱାବଧାନ ସମ୍ବନ୍ଧିତ ସମସ୍ତ ପୂର୍ବ ଏବଂ ପର ଖର୍ଚ୍ଚଗୁଡିକ ରଣକର୍ତ୍ତାଙ୍କ ଦ୍ୱାରା ବହନ କରାଯିବ।

BAF ସଂପୃକ୍ତ ସ୍ଥାନୀୟ ପୋଲିସ୍ ଷ୍ଟେସନକୁ ପୂର୍ବ ଯାନର ପୁନର୍ଦ୍ଦଖଲ ସମ୍ପର୍କିତ ପୂର୍ବ ଏବଂ ପର ସୂଚନା ଦେଇପାରେ, ଯଦି ଆବଶ୍ୟକ ହୁଏ।

V. ଯାନର ମୂଲ୍ୟାୟନ ଏବଂ ବିକ୍ରୟ:

ଯାନର ପୁନର୍ଦ୍ଦଖଲ ପରେ, 7 ଦିନ ଭିତରେ ସମସ୍ତ ବକେୟା ରାଶିର ଦେୟ ପ୍ରଦାନ କରିବାକୁ ତାଙ୍କୁ ଶେଷ ସୁଯୋଗ ପ୍ରଦାନ କରି ରଣକର୍ତ୍ତାଙ୍କୁ ଏକ ବିକ୍ରୟ-ପୂର୍ବ ବିଜ୍ଞପ୍ତି ବା ପ୍ରି-ସେଲ୍ ନୋଟିସ୍ ଜାରି କରାଯିବ।

ଯଦି ରଣକର୍ତ୍ତା ସହମତ ହୋଇଥିବା ବନ୍ଦୋବସ୍ତ ସର୍ତ୍ତାବଳୀ ଅନୁସାରେ ପୂରା ଦେୟ ପ୍ରଦାନ କରନ୍ତି, ତେବେ ଯାନଟି ପୁଣି ଥରେ ରଣକର୍ତ୍ତାଙ୍କୁ ଫେରାଇ ଦିଆଯିବ ସେଥିପାଇଁ ଦେୟ ଆଦାୟ ହୋଇଥିବା ଦରକାର।

ଯଦି ରଣକର୍ତ୍ତା ନୋଟିସ୍ ତାରିଖ ପର ଠାରୁ କିମ୍ବା ଏହିଭଳି ଘଟଣାରେ ଉଭୟ ପକ୍ଷଙ୍କ ଦ୍ୱାରା ସହମତ ହୋଇଥିବା ତାରିଖ ପର ଠାରୁ 07 ଦିନ ସମୟ ଭିତରେ ବେକେୟା ରାଶି ଏବଂ ଦେୟ ପ୍ରଦାନ କରିବାକୁ ବିଫଳ ହୁଅନ୍ତି, "BAF" ଏହାର ଏଜେଣ୍ଟ କିମ୍ବା ପ୍ରତିନିଧିଙ୍କ ମାଧ୍ୟମରେ ନିଲାମ କିମ୍ବା ଅନଲାଇନ୍ ନିଲାମ ଉପାୟରେ ପୁନର୍ଦ୍ଦଖଲ ହୋଇଥିବା ଯାନର ନିଲାମ ସହିତ ଅଗ୍ରସର ହେବ କିମ୍ବା ଯାନକୁ ବିକ୍ରୟ, ହସ୍ତାନ୍ତର ବା ଟ୍ରାନ୍ସଫର୍ କରିପାରେ କିମ୍ବା BAF ଏହାର ନିଜସ୍ୱ ଏକକ ଅଧିକାର ବଳରେ ଯାହା ଉପଯୁକ୍ତ ବୋଲି ବିବେଚନା କରିଥାଏ ତାହା କରିପାରେ।

ସମସ୍ତ ପୁନର୍ଦ୍ଦଖଲ ହୋଇଥିବା ଯାନର ମୂଲ୍ୟାୟନ କମ୍ପାନୀ ମୂଲ୍ୟାୟନ ପ୍ରକ୍ରିୟା ଅନୁଯାୟୀ ଏକ ନ୍ୟାୟସଙ୍ଗତ ଏବଂ ସ୍ୱଚ୍ଛ ରୀତିରେ ସମ୍ପାଦନ କରାଯିବ।

କମ୍ପାନୀର ନୀତି ଅନୁଯାୟୀ, BAF ସମସ୍ତ ବକେୟା ରାଶି/ଦେୟ ଚାହିଦା ପୂରଣ କରିବା ପାଇଁ ପୁନର୍ଦ୍ଦଖଲ ହୋଇଥିବା ଯାନର ବିକ୍ରୟ ଲବ୍ଧ ଅର୍ଥ ପ୍ରୟୋଗ କରିବ। ଯାନ ବିକ୍ରି ପ୍ରାପ୍ତ ଅର୍ଥରୁ ସମସ୍ତ ବକେୟା ରାଶି ଏବଂ/କିମ୍ବା ଦେୟକୁ ବ୍ୟବସ୍ଥିତ କରିବା ପରେ କୌଣସି ଅର୍ଥ ବଳକା ରହିବା କ୍ଷେତ୍ରରେ, ତାହା ରଣକର୍ତ୍ତାଙ୍କୁ ତାଙ୍କର(ପୁ/ମ) ଅନୁରୋଧ କ୍ରମେ ଏକ ଯଥାର୍ଥ ସମୟ ଭିତରେ ଚେକ୍ ଏବଂ/କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଫେରସ୍ତ କରାଯିବ।

ଯାହା ହେଲେ ମଧ୍ୟ, ଯଦି ବିକ୍ରୟ ପ୍ରାପ୍ତ ଅର୍ଥ ସମସ୍ତ ବକେୟା ରାଶି ଏବଂ/ଦେୟ ଚାହିଦା ପୂରଣ କରିବାକୁ ଯଥେଷ୍ଟ ନହୁଏ, ତେବେ ଯେକୌଣସି ଅଧିକାରର ପୂର୍ବଧାରଣାଗତ ମତ ବିନା, BAF ରଣକର୍ତ୍ତାଙ୍କ ଠାରୁ ଅବଶିଷ୍ଟ ବା ବାଲାନ୍ସ ରାଶି ଆଦାୟ କରିବ।

VI. ଯାନର ସ୍ୱେଚ୍ଛାକୃତ ସମର୍ପଣ:

ରଣକର୍ତ୍ତା ଯଥାର୍ଥ ଭାବେ ଦସ୍ତଖତ ହୋଇଥିବା ସମର୍ପଣ ପତ୍ର ବା ସରେଣ୍ଡର୍ ଲେଟର୍ ସେହି ପ୍ରକାରେ ଏବଂ ଫର୍ମାଟରେ ପ୍ରଦାନ କରିବେ ଯେପରି "BAF" ନିଷ୍ପତ୍ତି କରିପାରେ।

ସମସ୍ତ ସମର୍ପଣ ହୋଇଥିବା ଯାନର ମୂଲ୍ୟାୟନ କମ୍ପାନୀ ମୂଲ୍ୟାୟନ ପ୍ରକ୍ରିୟା ଅନୁଯାୟୀ ଏକ ନ୍ୟାୟସଙ୍ଗତ ଏବଂ ସ୍ୱଚ୍ଛ ରୀତିରେ ସମ୍ପାଦନ କରାଯିବ।

BAF ଏହାର ଏଜେଣ୍ଟ କିମ୍ବା ପ୍ରତିନିଧିଙ୍କ ମାଧ୍ୟମରେ ନିଲାମ କିମ୍ବା ଅନଲାଇନ୍ ନିଲାମ ଉପାୟରେ ସମର୍ପଣ ହୋଇଥିବା ଯାନର ନିଲାମ ସହିତ ଅଗ୍ରସର ହେବ କିମ୍ବା ଯାନକୁ ବିକ୍ରୟ, ସ୍ଥାନାନ୍ତର ବା ଟ୍ରାନ୍ସଫର୍ କରିପାରେ କିମ୍ବା BAF ଏହାର ନିଜସ୍ୱ ଏକକ ଅଧିକାର ବଳରେ ଯାହା ଉପଯୁକ୍ତ ବୋଲି ବିବେଚନା କରିଥାଏ ତାହା କରିପାରେ।

କମ୍ପାନୀର ନୀତି ଅନୁଯାୟୀ, BAF ସମସ୍ତ ବକେୟା ରାଶି/ଦେୟ ଚାହିଦା ପୂରଣ କରିବା ପାଇଁ ସମର୍ପଣ ହୋଇଥିବା ଯାନର ବିକ୍ରୟ ଲବ୍ଧ ଅର୍ଥ ପ୍ରୟୋଗ କରିବ। ଯାନ ବିକ୍ରି ପ୍ରାପ୍ତ ଅର୍ଥରୁ ସମସ୍ତ ବକେୟା ରାଶି ଏବଂ/କିମ୍ବା ଦେୟକୁ ବ୍ୟବସ୍ଥିତ କରିବା ପରେ କୌଣସି ଅର୍ଥ ବଳକା ରହିବା କ୍ଷେତ୍ରରେ, ତାହା ରଣକର୍ତ୍ତାଙ୍କୁ ତାଙ୍କର(ପୁ/ମ) ଅନୁରୋଧ କ୍ରମେ ଏକ ଯଥାର୍ଥ ସମୟ ଭିତରେ ଚେକ୍ ଏବଂ/କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଫେରସ୍ତ କରାଯିବ। ଯାହା ହେଲେ ମଧ୍ୟ, ଯଦି ବିକ୍ରୟ ପ୍ରାପ୍ତ ଅର୍ଥ ସମସ୍ତ ବକେୟା ରାଶି ଏବଂ/ଦେୟ ଚାହିଦା ପୂରଣ କରିବାକୁ ଯଥେଷ୍ଟ ନହୁଏ, ତେବେ ଯେକୌଣସି ଅଧିକାରର ପୂର୍ବଧାରଣାଗତ ମତ ବିନା, BAF ରଣକର୍ତ୍ତାଙ୍କ ଠାରୁ ଅବଶିଷ୍ଟ ବା ବାଲାନ୍ସ ରାଶି ଆଦାୟ କରିବ।

VII. ସାଧାରଣ

କ) ରଣକର୍ତ୍ତା ତାଙ୍କ ଦ୍ୱାରା ଯାନ/ସମ୍ପତ୍ତିରେ କରାଯାଇଥିବା ସମସ୍ତ ସଂଲଗ୍ନକରଣ/ଯୋଗ ସହିତ ଯାନ/ସମ୍ପତ୍ତି "BAF" କୁ ସେହି ସ୍ଥାନରେ, ଯାହା ହୁଏତ "BAF" ଦ୍ୱାରା ନିର୍ଣ୍ଣୟ କରାଯାଇପାରେ, ସେହି ଅବସ୍ଥାରେ ଯାହାକି ମୂଳତଃ ରଣକର୍ତ୍ତାଙ୍କୁ ବିତରଣ କରାଯାଇଥିଲା, ଫେରାଇବା ପାଇଁ ବାଧ୍ୟ ହେବେ, ପରବର୍ତ୍ତୀ ଭାବେ, ଯାହା ହେଲେ ମଧ୍ୟ, ସାଧାରଣ ବ୍ୟବହାରଜନିତ କ୍ଷୟକ୍ଷତି ଗ୍ରହଣୀୟ ହୋଇଥାଏ।

ଖ) ରଣକର୍ତ୍ତା ଆହୁରିମଧ୍ୟ ରାଜି ହୋଇଛନ୍ତି ଏବଂ ଅଙ୍ଗୀକାର କରିଛନ୍ତି ଯେ ଉପରୋକ୍ତ ଅନୁସାରେ ଯାନ ପୁନର୍ଦ୍ଦଖଲ ନେବା ଠାରୁ ଅଦାଲତ ଦ୍ୱାରା ନିଯୁକ୍ତ ପ୍ରାପ୍ତେଷ୍ଟୁ କିମ୍ବା ରିସିଭର କିମ୍ବା "BAF" କୁ ପ୍ରତିରୋଧ କିମ୍ବା ଅବରୋଧ କରିବେ ନାହିଁ।

ଗ) ରଣକର୍ତ୍ତା ଯାନର ପୁନର୍ଦ୍ଦଖଲ ପାଇଁ ବିଭିନ୍ନ ଦେୟ ଯଥା ଯାନ ଟଣା ହେବା ଦେୟ, ମାଲଗୋଦାମ ଦେୟ, ଭଡା ଏବଂ ଯାନର ପୁନର୍ଦ୍ଦଖଲକୁ କାର୍ଯ୍ୟକାରୀ କରିବା ପାଇଁ ଏବଂ ଏହାର ସୁରକ୍ଷିତ ରକ୍ଷଣାବେକ୍ଷଣ ଇତ୍ୟାଦି ପାଇଁ "BAF" ଦ୍ୱାରା କରାଯାଉଥିବା ଖର୍ଚ୍ଚଗୁଡିକ ପାଇଁ ଦେୟ ପ୍ରଦାନ କରିବାକୁ ରଣକର୍ତ୍ତା ଉତ୍ତରଦାୟୀ ରହିବେ। ରଣକର୍ତ୍ତା ଯେକୌଣସି ନିଅଣ୍ଟ ରାଶି "BAF" କୁ ତୁରନ୍ତ ପ୍ରଦାନ କରିବା ପାଇଁ ଉତ୍ତରଦାୟୀ ରହିବେ।

ଘ) ରଣକର୍ତ୍ତା ଏତଦ୍ୱାରା ରାଜି ହୋଇଛନ୍ତି ଯେ ତାଙ୍କୁ "BAF" ଦ୍ୱାରା ମଞ୍ଜୁରପ୍ରାପ୍ତ ଉକ୍ତ ଋଣ ସୁବିଧାର ଏକ ପୂର୍ବ-ସର୍ତ୍ତ ସ୍ୱରୂପ ଯଦି ରଣକର୍ତ୍ତା ଋଣ ସୁବିଧା ପରିଶୋଧ କ୍ଷେତ୍ରରେ କିମ୍ବା ଏହି ଋଣ ସୁବିଧା ଉପରେ ଲାଗୁ ସୁଧର ପରିଶୋଧ କିମ୍ବା ଧାର୍ଯ୍ୟ ହୋଇଥିବା ତାରିଖ/ଗୁଡିକରେ ଋଣ ସୁବିଧାର ଯେକୌଣସି ସମ୍ମତ କିସ୍ତି ପ୍ରଦାନ କରିବାରେ ଖିଲାପ ବା ଡିଫଲ୍ଟ କରନ୍ତି, ତେବେ "BAF" ରଣକର୍ତ୍ତା(ଗଣ), ସେ ବ୍ୟକ୍ତିବିଶେଷ, କମ୍ପାନୀ/ଫୋରମ ୟୁନିଟ୍ ଯିଏ ହୁଅନ୍ତୁ ଏବଂ ଏହାର ନିର୍ଦ୍ଦେଶକ/ଭାଗୀଦାର ବା ପାର୍ଟନର/ମାଲିକମାନଙ୍କର ନାମ ଖିଲାପକାରୀ ବା ଡିଫଲ୍ଟର୍ ଭାବେ ସେହି ଶୈଳୀରେ ଏବଂ ସେହି ମାଧ୍ୟମରେ ପ୍ରକାଶ କିମ୍ବା ପ୍ରକାଶନ କରିପାରନ୍ତି ଯାହା "BAF" ଏହାର ନିଜସ୍ୱ ଅଧିକାର ବଳରେ ଉପଯୁକ୍ତ ବିବେଚନା କରିପାରେ।

ଙ) ଏଠାରେ ଉଲ୍ଲେଖ ରହିଥିବା କ୍ଷମତା ପ୍ରୟୋଗ କରିବା କ୍ଷେତ୍ରରେ, "BAF" ଉପରୋକ୍ତ ପରି ଉକ୍ତ ଦେୟ ଆଦାୟ ବା ରୂପାୟନ/ପୁନର୍ଦ୍ଦଖଲ ଏବଂ ବିକ୍ରୟର ପରିଣାମ ସ୍ୱରୂପ ରଣକର୍ତ୍ତା ସମ୍ମୁଖୀନ ହେବାର ସମ୍ଭାବନା ଥିବା କୌଣସି କ୍ଷତି ପାଇଁ ବାଧ୍ୟ କିମ୍ବା ଦାୟୀ ହେବେ ନାହିଁ।

ଚ) "BAF" କିମ୍ବା ଏହାର ଏଜେଣ୍ଟ, ଅଧିକାରୀ କିମ୍ବା ନାମାଙ୍କିତ ବ୍ୟକ୍ତି ବା ନୋମିନିମାନେ, କୌଣସି ଉପାୟରେ ଦାୟୀ ଏବଂ/କିମ୍ବା ଉତ୍ତରଦାୟୀ ହେବେ ନାହିଁ ଏବଂ ରଣକର୍ତ୍ତା ଏତଦ୍ୱାରା "BAF" କିମ୍ବା ଏହାର ଏଜେଣ୍ଟ, ଅଧିକାରୀ କିମ୍ବା କେହି ନୋମିନିଙ୍କୁ କୌଣସି ନିଜସ୍ୱ ଜିନିଷପତ୍ର ଏବଂ ସାମଗ୍ରୀ ଯାହା ବନ୍ଧକ ରଖାଯାଇଥିବା ଯାନର ଚାର୍ଜ ଏବଂ/କିମ୍ବା ଦଖଲ ନେବା କିମ୍ବା ବଳପୂର୍ବକ ଦଖଲ କିମ୍ବା ଅଧିକାର ସମୟରେ ବନ୍ଧକ ରଖାଯାଇଥିବା ଯାନ ଉପରେ ରଖାଯାଇଥାଏ କିମ୍ବା ପଡିଥାଏ ସେଗୁଡିକର ଯେକୌଣସି ହାନି, କ୍ଷତି, ସୀମିତତା କିମ୍ବା ଅନ୍ୟଥା ପାଇଁ ଉତ୍ତରଦାୟୀ କରିବେ ନାହିଁ।

10. ଭାରାର୍ପଣ ଏବଂ ହସ୍ତାନ୍ତର।

10.1 ଏହି ଚୁକ୍ତି ଅନ୍ତର୍ଗତ "BAF" ର ଋଣ କିମ୍ବା ଯେକୌଣସି ଅନ୍ୟ ଅଧିକାର କିମ୍ବା ଦେୟତା ଅନ୍ତର୍ଗତ "BAF" ଋଣର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଏବଂ ବକେୟା ରାଶିର ହସ୍ତାନ୍ତର କିମ୍ବା ବିକ୍ରି କରିବାର(ହସ୍ତାନ୍ତୀକରଣ, ଯାଞ୍ଚକରଣର ପ୍ରକାରରେ କିମ୍ବା ନଚେତ)ଅଧିକାର ରହିବ କିମ୍ବା "BAF" ଏପରି ସର୍ତ୍ତ ଓ ନିୟମ ସମୂହ ଅନ୍ତର୍ଗତ ଏପରି ପ୍ରକାରରେ କୌଣସି ବ୍ୟକ୍ତି କିମ୍ବା ସଂସ୍ଥାକୁ ଏଥି ସହିତ କୌଣସି ଅନ୍ୟାନ୍ୟ ଦସ୍ତାବିଜ ସମ୍ପର୍କରେ ରଣକର୍ତ୍ତାଙ୍କୁ ସୂଚିତ ନ କରି ନିଜସ୍ୱ ଏକକ ଅଧିକାର ବଳରେ ନିଷ୍ପତ୍ତି ଗ୍ରହଣ କରିପାରେ। ରଣକର୍ତ୍ତା(ଗଣ) ଏହିଭଳି ବିକ୍ରୟ, ଭାରାର୍ପଣ, ସୁରକ୍ଷିତକରଣ ବା ସିକ୍ୟୁରିଟାଇଜେସନ କିମ୍ବା ହସ୍ତାନ୍ତର ଦ୍ୱାରା ବାଧ୍ୟ ହେବେ।

10.2 ଉପରୋକ୍ତ ପ୍ରକାରେ ବିକ୍ରୟ କିମ୍ବା ହସ୍ତାନ୍ତର ଘଟଣାରେ, ରଣକର୍ତ୍ତା ସ୍ୱତନ୍ତ୍ର ଭାବେ, ସେହି ବ୍ୟକ୍ତିଙ୍କୁ ଯାହାଙ୍କୁ ଋଣ ବିକ୍ରି କିମ୍ବା ହସ୍ତାନ୍ତର କରାଯାଇଛି ତାଙ୍କର(ପୁ/ମ)/ସେମାନଙ୍କର ଋଣଦାତା ଭାବେ ଗ୍ରହଣ କରିବାକୁ ଏବଂ ସେହି ବ୍ୟକ୍ତିଙ୍କୁ ଋଣ ପରିଶୋଧ କରିବାକୁ ରାଜି ହୋଇଛନ୍ତି ଯାହା ହୁଏତ "BAF" ଦ୍ୱାରା ନିର୍ଦ୍ଦେଶିତ ହୋଇପାରେ

10.3 ରଣକର୍ତ୍ତାଙ୍କର ଏହି ଚୁକ୍ତି ଅନ୍ତର୍ଗତ କୌଣସି ବ୍ୟକ୍ତିଙ୍କୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ରୂପେ ତାଙ୍କର ଅଧିକାର କିମ୍ବା ଦେୟତାକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ହସ୍ତାନ୍ତର କରିବାର ଅଧିକାର ରହିବ ନାହିଁ।

ବୁସନ୍ ଅଟୋ ଫାଇନାନ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (Bussan Auto Finance India Private Limited) ନିମନ୍ତେ

☞ **ରଣକର୍ତ୍ତା** | ***X*** **ସହ-ରଣକର୍ତ୍ତା** | ✓ **ଗ୍ୟାରେଣ୍ଟର୍**

ପ୍ରାଧିକୃତ ହସ୍ତାକ୍ଷରକାରୀ

11. ସମୟପୂର୍ବ ଦେୟ ପ୍ରଦାନ ବା ପ୍ରିପେମେଣ୍ଟ

"BAF" ଋଣ ରାଶି ଉପରେ ଅନୁସୂଚୀରେ ଉଲ୍ଲେଖିତ ହାରରେ ସମୟପୂର୍ବ ଦେୟ ପ୍ରଦାନ ଦେୟ ବା ପ୍ରିପେମେଣ୍ଟ ଚାର୍ଜ୍ ଆଦାୟ କରିବାକୁ ହକ୍‌ଦାର ହେବେ, ଯଦି ଋଣକର୍ତ୍ତା ଅନୁସୂଚୀରେ ଉଲ୍ଲେଖିତ ହୋଇଥିବା ପରିଶୋଧ ଅବଧି ପୂର୍ବରୁ ଆଗୁଆ ଏକାଉଣ୍ଟ ବନ୍ଦ କରିବାକୁ ନିଷ୍ପତ୍ତି କରନ୍ତି କିମ୍ବା ଇଚ୍ଛା କରନ୍ତି ତାହା ହେଉଛି ଋଣ ଅବଧି ସମ୍ପୂର୍ଣ୍ଣ ହେବା ପୂର୍ବରୁ ଋଣ ରାଶିର ସମୟପୂର୍ବ ଦେୟ ପ୍ରଦାନ।

12. ପ୍ରତିଶ୍ରୁତି ବା ଗ୍ୟାରେଣ୍ଟି

1. ଗ୍ୟାରେଣ୍ଟର୍(ଗଣ) ଏତଦ୍ୱାରା ନିଃସର୍ତ୍ତମୂଳକ ଏବଂ ଅପରିବର୍ତ୍ତନୀୟ ଭାବେ "BAF" କୁ ଏହା ଅନ୍ତର୍ଗତ ଋଣକର୍ତ୍ତା(ଗଣ)ଙ୍କ ଦ୍ୱାରା ତାଙ୍କର(ପୁ/ମ)/ସେମାନଙ୍କର ଦେୟତାଗୁଡ଼ିକ ପ୍ରଦାନ ଏବଂ ପ୍ରଦାନ କରାଯିବାକୁ ଦେୟ ଦାବି ବା ଡିମାଣ୍ଡ କରାଯିବା ପରେ 15 ଦିନ ଭିତରେ, "BAF" ଦ୍ୱାରା ପ୍ରଦାନ କରାଯାଇଥିବା ଋଣ ସୁବିଧାର ପରିସର ପର୍ଯ୍ୟନ୍ତ ଏହି ସମ୍ବନ୍ଧିତ ତାରିଖ ପରେ କିମ୍ବା ପୂର୍ବରୁ ଉତ୍ପନ୍ନ ହୋଇଥାଏ ତାହା ଯାହା ହେଉନା କାହିଁକି ତାହା ସୁଧ ଏବଂ ତାହା ଉପରେ ସମସ୍ତ ଦେୟ ଦେବା ପାଇଁ ପ୍ରତିଶ୍ରୁତି ଦିଅନ୍ତି। ଏହି ଗ୍ୟାରେଣ୍ଟି ହେଉଛି ଏକ କ୍ରମାଗତ ଗ୍ୟାରେଣ୍ଟି ଯାହା ଦେୟତାଗୁଡ଼ିକ ସମ୍ପୂର୍ଣ୍ଣ ପୂରଣ ନହେବା ପର୍ଯ୍ୟନ୍ତ ଜାରି ରହିଥାଏ। ଗ୍ୟାରେଣ୍ଟର୍(ଗଣ)ଙ୍କର ଉତ୍ତରଦାୟିତ୍ୱ ଋଣକର୍ତ୍ତା(ଗଣ)ଙ୍କର ଉତ୍ତରଦାୟିତ୍ୱ ସହିତ ଯୁଗ୍ମ ଏବଂ ପୃଥକ୍ ଅଟେ।
2. ଗ୍ୟାରେଣ୍ଟର୍(ଗଣ) ଏତଦ୍ୱାରା ରାଜି ହୋଇଛନ୍ତି ଯେ ସେମାନଙ୍କର ଉତ୍ତରଦାୟିତ୍ୱ ଋଣକର୍ତ୍ତାଙ୍କର ଉତ୍ତରଦାୟିତ୍ୱ ସହିତ ଏବଂ BAF ଓ ସେମାନଙ୍କ ମଧ୍ୟରେ ସମବିସ୍ତୃତ ଅଟେ, ସେମାନେ ସମସ୍ତ ବକେୟା ରାଶି ପାଇଁ BAF ନିକଟରେ ପ୍ରମୁଖ ଋଣକର୍ତ୍ତା ଭାବେ ବିବେଚିତ ହେବେ।
3. ଗ୍ୟାରେଣ୍ଟର୍(ଗଣ) ସ୍ୱତନ୍ତ୍ରଭାବେ ରାଜି ହୋଇଛନ୍ତି ଯେ କୌଣସି ପରିସ୍ଥିତିରେ ଅନ୍ତର୍ଭୁକ୍ତ କରି କିନ୍ତୁ ନିମ୍ନଲିଖିତକୁ ସୀମିତ ନୁହେଁ ସେମାନେ BAF କୁ ସେମାନଙ୍କର ଉତ୍ତରଦାୟିତ୍ୱରୁ ମୁକ୍ତ ହେବେ ନାହିଁ :
   - କ. BAF ଏବଂ ଋଣକର୍ତ୍ତା(ଗଣ)ଙ୍କ ମଧ୍ୟରେ ଏହି ଚୁକ୍ତି କିମ୍ବା କାରବାର ସମ୍ପର୍କରେ ସେମାନଙ୍କର ସମ୍ମତି ବିନା କରାଯାଇଥିବା କୌଣସି ବିବାଦ ଦ୍ୱାରା
   - ଖ. BAF ଏବଂ ଋଣକର୍ତ୍ତା(ଗଣ)ଙ୍କ ମଧ୍ୟରେ କରାଯାଇଥିବା କୌଣସି ଚୁକ୍ତି ଦ୍ୱାରା ଯାହା ଫଳରେ ଋଣକର୍ତ୍ତା(ଗଣ) ମୁକ୍ତ ହେବେ, କିମ୍ବା
   - ଗ. BAF ର କୌଣସି କାର୍ଯ୍ୟ କିମ୍ବା ବାଦ୍ ଦେବା ଘଟଣା ଦ୍ୱାରା ଯାହାର ଆଇନଗତ ପରିଣାମସ୍ୱରୂପ ଗ୍ୟାରେଣ୍ଟର୍(ଗଣ) ଡିସଚାର୍ଜ ହେବେ, କିମ୍ବା
   - ଘ. BAF ଋଣକର୍ତ୍ତା(ଗଣ)ଙ୍କ ବିରୁଦ୍ଧରେ ମକଦ୍ଦମା ନକରିବା ପାଇଁ କିମ୍ବା ତାଙ୍କୁ ସମୟ ଦେବାକୁ ପ୍ରତିଶ୍ରୁତି ଦେବା କିମ୍ବା ତାଙ୍କ ସହ ଆପୋଷ ବୁଝାମଣା କରିବା ଘଟଣା ଦ୍ୱାରା, କିମ୍ବା
   - ଙ. BAF ସିକ୍ୟୁରିଟି ହରାଇବା ଦ୍ୱାରା, ଏବଂ ଗ୍ୟାରେଣ୍ଟର୍(ଗଣ) ଏତଦ୍ୱାରା ସମସ୍ତ ସିଓ୍ୟୋରିଟି ଶିପ୍ ଅଧିକାର ପରିତ୍ୟାଗ କରିଥାନ୍ତି ଯାହା ଅନ୍ୟଥା ସେମାନଙ୍କ ପାଇଁ ଉପଲବ୍ଧ ହୋଇପାରେ।
4. BAF ଠାରୁ ଲିଖିତ ନୋଟିସ୍ ପାଇବା ପରେ 15 ଦିନ ଭିତରେ କିମ୍ବା ଏହି ଲିଖିତ ନୋଟିସ୍ ପଞ୍ଜିକୃତ ଡାକ AD ମାଧ୍ୟମରେ ପଠାଯିବାର 18 ଦିନ ଭିତରେ, ଯେଉଁଟି, ଶୀଘ୍ର ହୋଇଥାଏ, ଋଣକର୍ତ୍ତା(ଗଣ)ଙ୍କୁ ଦେୟ ପ୍ରଦାନ କରିବା ପାଇଁ ଆହ୍ୱାନ କରାଯାଇଛି କିମ୍ବା ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଯାହା ହେଉନା କାହିଁକି, ଦେୟ ପୈଠ କରିବା ହେଉଛି ଗ୍ୟାରେଣ୍ଟର୍‌ଙ୍କର ନୈତିକ କର୍ତ୍ତବ୍ୟ।
5. ଗ୍ୟାରେଣ୍ଟର୍ ରାଜି ହୋଇଛନ୍ତି ଯେ ଏହି ଚୁକ୍ତିରେ ପରିଭାଷିତ ମଧ୍ୟସ୍ଥତା ମାଧ୍ୟମରେ ନିଷ୍ପତ୍ତି ଧାରା ବା ଆର୍ବିଟ୍ରେସନ୍ କ୍ଲଜ୍ ଗ୍ୟାରେଣ୍ଟର୍‌ଙ୍କୁ ମଧ୍ୟ ବାନ୍ଧି ରଖିଥାଏ ଏବଂ ମୀମାଂସାକାରୀ ବା ଆର୍ବିଟ୍ରେଟରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାୟକୁ ମାନିବା ପାଇଁ ମଧ୍ୟ ଗ୍ୟାରେଣ୍ଟର୍ ବାଧ୍ୟ ଅଟନ୍ତି।
6. BAF ଏହି ଗ୍ୟାରେଣ୍ଟିକୁ ଯେକେହି ବ୍ୟକ୍ତିଙ୍କୁ ଋଣକର୍ତ୍ତାଙ୍କ ମୁଖ୍ୟ କର୍ତ୍ତବ୍ୟ ସହିତ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରୂପେ (ପ୍ରକୃତରେ କିମ୍ବା ସିକ୍ୟୁରିଟି ଭାବେ ତାହା ଯାହା ହେଉନା କାହିଁକି) ନ୍ୟସ୍ତ କରିପାରନ୍ତି।

13. ବିବିଧ

13.1 ଏହି ଚୁକ୍ତି ଅଧୀନରେ ଅଧିକାରଗୁଡ଼ିକ ଫଳପ୍ରଦ ଭାବେ ପ୍ରବର୍ତ୍ତନ କରିବା ପାଇଁ ଏବଂ ମଞ୍ଜୁର କରାଯାଇଥିବା ଋଣ ସୁବିଧା, ସୁଧ ଏବଂ ଋଣକର୍ତ୍ତା(ଗଣ)ଙ୍କ ଦ୍ୱାରା ଦେୟଯୋଗ୍ୟ ଅନ୍ୟ ଅର୍ଥ ଆଦାୟ କରିବାକୁ "BAF" କୁ ସମର୍ଥ କରିବା ପାଇଁ, ଋଣକର୍ତ୍ତା(ଗଣ) ଏତଦ୍ୱାରା ଅପରିବର୍ତ୍ତନୀୟଭାବେ ଯାନ କିଣିବା ପାଇଁ ମଞ୍ଜୁର କରାଯାଇଥିବା/ ବିତରଣ ହୋଇଥିବା ଋଣ ସୁବିଧା ପରିପ୍ରେକ୍ଷୀରେ ସମସ୍ତ କିମ୍ବା କୌଣସି କାର୍ଯ୍ୟ, କର୍ମ ଏବଂ ବିଷୟ କରିବା/ ସମ୍ପାଦନ କରିବା ପାଇଁ ଏହାର ଯେକେହି ଅଧିକାରୀ କିମ୍ବା ଏଜେଣ୍ଟ କିମ୍ବା ପ୍ରାଧିକୃତ ପ୍ରତିନିଧି ମାଧ୍ୟମରେ କାର୍ଯ୍ୟ କରୁଥିବା "BAF" କୁ ପ୍ରକୃତ ଏବଂ ଆଇନାନୁମୋଦିତ ଆଟର୍ନି ଭାବେ ନାମିତ, ପରିଗଣିତ, ନିଯୁକ୍ତ କରୁଛି, ତାହା ହେଉଛି: .

କ) ଉକ୍ତ ଯାନର ହସ୍ତାନ୍ତର, ବିକ୍ରୟ କିମ୍ବା ବ୍ୟବସ୍ଥା କରିବାକୁ ଏବଂ ସମସ୍ତ ଚୁକ୍ତି, ଘୋଷଣା ଏବଂ ସାଧନଗୁଡ଼ିକ ସ୍ୱାକ୍ଷର ଓ କାର୍ଯ୍ୟକାରୀ କରିବାକୁ ଯାହା ହୁଏତ ତାହାର ବିତରଣ ବା ଡେଲିଭରି ଦେବା ପାଇଁ ଜରୁରୀ କିମ୍ବା ବାଞ୍ଛନୀୟ ହୋଇପାରେ।
ଖ) ଯାନର ଦଖଲ ପାଇଁ କୌଣସି ଏଜେଣ୍ଟ ଏବଂ/କିମ୍ବା ଦଲାଲ ବା ବ୍ରୋକରଙ୍କୁ ନିଯୁକ୍ତ କିମ୍ବା ନିୟୋଜନ କରିବା ପାଇଁ ଏବଂ ଏହିଭଳି ହସ୍ତାନ୍ତର କିମ୍ବା ବିକ୍ରୟ କିମ୍ବା ବ୍ୟବସ୍ଥା କିମ୍ବା ଅର୍ଥ ଆଦାୟକୁ କାର୍ଯ୍ୟକାରୀ କରିବାକୁ ଘଟଣାଟି ଯେପରି ହୋଇପାରେ।
ଗ) ଯାନର ବିକ୍ରୟ ସଂକ୍ରାନ୍ତରେ ଉକ୍ତ ଯାନର ପଞ୍ଜୀକରଣ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଦେବା ପାଇଁ।
ଘ) ଉକ୍ତ ଯାନର ବିକ୍ରୟ, ହସ୍ତାନ୍ତର, ବ୍ୟବସ୍ଥା ଦ୍ୱାରା ପ୍ରାପ୍ୟ ଅର୍ଥ ଗ୍ରହଣ କରିବାକୁ ଏବଂ ଯଥାର୍ଥ ରସିଦ ପ୍ରଦାନ କରିବାକୁ ଏବଂ ତାହାର ବୈଧ ଏବଂ ଫଳପ୍ରଦ ନିଷ୍ପାଦନ କରିବାକୁ।
ଙ) ଏବଂ ସାଧାରଣତଃ, ଏହିସବୁ ଅର୍ଥ ପାଇବା ପାଇଁ ହସ୍ତାନ୍ତର କାର୍ଯ୍ୟଗୁଡ଼ିକ ସମ୍ବନ୍ଧିତ କିମ୍ବା ଜଡ଼ିତ କିମ୍ବା ସମ୍ପର୍କିତ ସମସ୍ତ କାର୍ଯ୍ୟ, କର୍ମ, ଘଟଣା ଏବଂ ବିଷୟ କରିବା, ସମ୍ପାଦନ ଏବଂ କାର୍ଯ୍ୟକାରୀ କରିବା ପୂର୍ଣ୍ଣ ରୂପେ ଏବଂ ଫଳପ୍ରଦ ଭାବେ କରାଯାଇଥାଏ ଯେପରିକି ତାହା ଋଣକର୍ତ୍ତାଙ୍କ ଦ୍ୱାରା ବ୍ୟକ୍ତିଗତ ରୂପେ ସମ୍ପାଦନ କିମ୍ବା କାର୍ଯ୍ୟକାରୀ କରାଯାଇଛି।

13.2 ଅର୍ଥ ପାଇବା ପାଇଁ ହସ୍ତାନ୍ତର କାର୍ଯ୍ୟଗୁଡ଼ିକ ଅଧୀନରେ ଏବଂ ଆଇନ୍ ଅଧୀନରେ "BAF" କୁ ଉପଲବ୍ଧ ଅଧିକାର, କ୍ଷମତା ଏବଂ ପ୍ରତିକାରଗୁଡ଼ିକ "BAF" ଦ୍ୱାରା ଏହାର କର୍ମଚାରୀ କିମ୍ବା ଏଜେଣ୍ଟଙ୍କ ମାଧ୍ୟରେ ପ୍ରୟୋଗ କରାଯିବ ଏବଂ "BAF" ଉକ୍ତ କ୍ଷମତା ଏବଂ କର୍ତ୍ତୃତ୍ୱ ମଧ୍ୟରୁ କୌଣସିଟି ବା ସମସ୍ତ ସେହି କର୍ମଚାରୀ କିମ୍ବା ଏଜେଣ୍ଟଙ୍କୁ ଅର୍ପଣ କରିପାରେ।

13.3 ଋଣକର୍ତ୍ତା(ଗଣ) "BAF" କୁ ନିମ୍ନଲିଖିତ ସମ୍ପର୍କରେ କିମ୍ବା ସେଥିରୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ "BAF" ଭୋଗୁଥିବା କିମ୍ବା ସମ୍ମୁଖୀନ ହେଉଥିବା କୌଣସି କାର୍ଯ୍ୟାନୁଷ୍ଠାନ, ଦାବି ବା କ୍ଲେମ୍, ଖର୍ଚ୍ଚ, କ୍ଷତି, ଦାବି ବା ଡିମାଣ୍ଡ, ବ୍ୟୟ, ହାନି ଏବଂ ଦେୟତାଗୁଡ଼ିକ ପରିପ୍ରେକ୍ଷୀରେ ରକ୍ଷା ଏବଂ କ୍ଷତିରୁ ମୁକ୍ତ କରିବା ପାଇଁ କ୍ଷତିପୂରଣ କରିବେ ଏବଂ ତାହା ପ୍ରଦାନ କରିବେ :

(କ) ଏହି ଚୁକ୍ତିର ବ୍ୟବସ୍ଥାଗୁଡ଼ିକୁ ପାଳନ କରିବା ପାଇଁ ଋଣକର୍ତ୍ତା(ଗଣ)ଙ୍କ ଦ୍ୱାରା କୌଣସି ବିଫଳତା ଏବଂ/କିମ୍ବା
(ଖ) ଉକ୍ତ ଯାନର ବ୍ୟବହାର ପାଇଁ ଏବଂ ସେହି ଉଦ୍ଦେଶ୍ୟରେ ଆନୁଷଙ୍ଗିକ ବିଷୟ ପାଇଁ ଋଣକର୍ତ୍ତା(ଗଣ) କିମ୍ବା ଏହାର କର୍ମଚାରୀ କିମ୍ବା ଏହାର ଏଜେଣ୍ଟ କିମ୍ବା ଅନ୍ୟ ବ୍ୟକ୍ତି ଯିଏକି ଋଣକର୍ତ୍ତା(ଗଣ)ଙ୍କ ଦ୍ୱାରା ପ୍ରାଧିକୃତ ହୋଇଥାନ୍ତି କିମ୍ବା ହୋଇନଥାନ୍ତି ତାଙ୍କ ଦ୍ୱାରା ଯାନର ଦଖଲ, ସଂଚାଳନ ବା ଅପରେସନ ଏବଂ ବ୍ୟବହାର ଯୋଗୁଁ ସୃଷ୍ଟି ହେବାର ସମ୍ଭାବନା ଥିବା ତୃତୀୟ ପକ୍ଷ ଦେୟତା ସହିତ ଯେକୌଣସି ଦେୟତା ଏବଂ/କିମ୍ବା
(ଗ) ଋଣକର୍ତ୍ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଉପସ୍ଥାପନା ଏବଂ ୱାରେଣ୍ଟିଗୁଡ଼ିକ ଭୁଲ୍ କିମ୍ବା ଅସତ୍ୟ ହୋଇଥିବା କାରଣରୁ "BAF" ଭୋଗୁଥିବା କିମ୍ବା ସମ୍ମୁଖୀନ ହେଉଥିବା କୌଣସି ଦାବି ବା କ୍ଲେମ୍, ହାନି, ଦାବି ବା ଡିମାଣ୍ଡ, କାର୍ଯ୍ୟାନୁଷ୍ଠା, ଖର୍ଚ୍ଚ, ବ୍ୟୟ ଏବଂ ଦେୟତାଗୁଡ଼ିକ ଏବଂ/କିମ୍ବା ବନ୍ଧକରେ ରଖାଯାଇଥିବା ଯାନ କୌଣସି ଆଇନଗତ ଦାବି କିମ୍ବା ଆରୋପରୁ ମୁକ୍ତ ନହୋଇଥିବା କାରଣରୁ "BAF" ଭୋଗୁଥିବା କିମ୍ବା ସମ୍ମୁଖୀନ ହେଉଥିବା କୌଣସି କର୍ତ୍ତବ୍ୟ ପାଳନ ପାଇଁ ଉଦବୋଧନ ବା କ୍ଲେରିଅନ୍, କ୍ଷତି, ଦାବି, କାର୍ଯ୍ୟାନୁଷ୍ଠାନ, ଖର୍ଚ୍ଚ, ବ୍ୟୟ ଏବଂ ଦେୟତାଗୁଡ଼ିକ

13.3 ଅନ୍ୟ କୌଣସି ସର୍ତ୍ତ କିମ୍ବା ଏହି ଚୁକ୍ତିର ପୂର୍ବଧାରଣାଗତ ମତ ବିନା, ପକ୍ଷମାନେ ସ୍ୱତନ୍ତ୍ର ଭାବେ ରାଜି ହୋଇଛନ୍ତି ଯେ ଏହି ଚୁକ୍ତି ଅଧୀନରେ "BAF"କୁ ଋଣକର୍ତ୍ତାଙ୍କ ଦ୍ୱାରା କରାଯାଇଥିବା ଯେକୌଣସି ଦେୟ ନିମ୍ନଲିଖିତ କ୍ରମରେ କିମ୍ବା ଉପଯୁକ୍ତ ହେଉଥିବା ଅନୁସାରେ "BAF" ଦ୍ୱାରା ନିଜ ଅକ୍ତିଆରରେ ରଖାଯିବ ବା ବିଶେଷ ଉଦ୍ଦେଶ୍ୟରେ ବିନିଯୋଗ କରାଯିବ-

କ. ଖର୍ଚ୍ଚ, ଦେୟ ଏବଂ ବ୍ୟୟଗୁଡ଼ିକ ଯାହା ସିକ୍ୟୁରିଟି ବଜାୟ ରଖିବାକୁ, ପ୍ରବର୍ତ୍ତନ କରିବାକୁ, ସେବା ବା ସର୍ଭିସ୍ ଯୋଗାଇବା ପାଇଁ ଏବଂ ଏହି କାରଣରୁ ଏହି ଚୁକ୍ତି ଅଧୀନରେ "BAF" କୁ ଋଣଦାତାଙ୍କ ଦ୍ୱାରା ଦେୟଯୋଗ୍ୟ ଏବଂ ପାଇବାକୁ ଥିବା ସମସ୍ତ ରାଶି, ଋଣ ଓ ସୁଧ ଆଦାୟ କରିବାକୁ "BAF" ଖର୍ଚ୍ଚ କରିପାରେ।
ଖ. ଚୁକ୍ତି ଅଧୀନରେ ବର୍ଦ୍ଧିତ ସୁଧ, ଦେୟ
ଗ. ଋଣର ମୂଳଧନ ରାଶି
ଘ. ଡିଫଲ୍ଟ ରହିଥିବା ରାଶି ଉପରେ ସୁଧ ଏବଂ ଡିଫଲ୍ଟ ହୋଇଥିବା ରାଶି/ଗୁଡ଼ିକ ଉପରେ ଲାଭର ହାନି
ଙ. ପ୍ରିପେମେଣ୍ଟ ଚାର୍ଜ୍ ବା ପାଉଣା, ବ୍ୟାଙ୍କ ହାର୍ଜ୍ (ଚେକ୍ ଅସମ୍ମାନ ଚାର୍ଜ୍) ଏବଂ ଦେବାକୁ ଥିବା ଓ ଦେୟଯୋଗ୍ୟ ଅନ୍ୟ ଚାର୍ଜ୍,

13.4 ପକ୍ଷମାନେ ରାଜି ହୋଇଛନ୍ତି ଯେ "BAF" ଦ୍ୱାରା ଏହାର ଅଧିକାର, କ୍ଷମତା କିମ୍ବା ପ୍ରତିକାର ପ୍ରୟୋଗ କରିବା କ୍ଷେତ୍ରରେ ଯେକୌଣସି ବିଳମ୍ବ କିମ୍ବା ବାଦ୍ ଦେବା ଘଟଣାରେ ଏହି ଚୁକ୍ତି ଅଧୀନରେ ଏହି ଋଣର ଋଣଦାତା ଭାବେ ଏବଂ ଏଥି ସମ୍ପର୍କରେ କରାଯାଇଥିବା ଅନ୍ୟ ଡକ୍ୟୁମେଣ୍ଟ ଏହାର ଅଧିକାର କ୍ଷମତା କିମ୍ବା ପ୍ରତିକାରକୁ କ୍ଷତି ବା ଦୁର୍ବଳ କରିବ ନାହିଁ କିମ୍ବା "BAF" ଦ୍ୱାରା ଏହାର ପରିତ୍ୟାଗ କିମ୍ବା ସମ୍ମତି ବୋଲି ବିବେଚନା କରାଯିବ ନାହିଁ

13.5 ପକ୍ଷମାନେ ସୁନିଶ୍ଚିତ କରିଛନ୍ତି ଯେ ଏହି ଚୁକ୍ତି ଏବଂ ଏହାର ଅନୁସୂଚୀ ଏବଂ ଏଥି ସହିତ କରାଯାଇଥିବା ଅନ୍ୟ କୌଣସି ଲିଖିତ ପ୍ରମାଣ ପକ୍ଷମାନଙ୍କ ମଧ୍ୟରେ ଗୋଟିଏ ମାତ୍ର ଚୁକ୍ତି ଭାବେ ଉପସ୍ଥାପିତ ହୋଇଥାଏ।

13.6 ଏଏହି ଚୁକ୍ତି ପକ୍ଷଗୁଡ଼ିକ ମଧ୍ୟରେ ହୋଇଥିବା ସମସ୍ତ ପୂର୍ବ ଆଲୋଚନା ଏବଂ ଉପସ୍ଥାପନାଗୁଡ଼ିକ ଯାହାକି ଚୁକ୍ତିର ବିଷୟବସ୍ତୁ ସହିତ ଅମେଳ ହୋଇଥାଏ ସେଗୁଡ଼ିକର ସ୍ଥାନ ନେଇଥାଏ, ଯଥା "BAF" ବ୍ରୋଚର୍, କୌଣସି ପତ୍ରାଳାପ, ଆବେଦନ ଫର୍ମରେ ସ୍ଥିରୀକୃତ କିମ୍ବା ଅନ୍ୟଥା କରାଯାଇଥିବା କିମ୍ବା କରିବା ପାଇଁ ସମ୍ମତ ହୋଇଥିବା ତାହା ଯାହା ହେଉନା କାହିଁକି, "BAF" କୁ ଋଣକର୍ତ୍ତାଙ୍କ ଦ୍ୱାରା କରଯାଇଥିବା ଉପସ୍ଥାପନାଗୁଡ଼ିକ ଏବଂ ଋଣକର୍ତ୍ତାଙ୍କର କର୍ତ୍ତବ୍ୟଗୁଡ଼ିକୁ ସମ୍ମାନର ସହିତ ରକ୍ଷା କରେ।

13.7 ଋଣକର୍ତ୍ତା(ଗଣ) ଫୌଜଦାରୀ ପ୍ରକ୍ରିୟା ସଂହିତା, ଦେୱାନି ପ୍ରକ୍ରିୟା ସଂହିତା କିମ୍ବା ଅନ୍ୟ ଯେକୌଣସି ଫୋରମରେ ଅଦ୍ୟତନ ସଂଶୋଧିତ ଭାବରେ ମୀମାଂସାଯୋଗ୍ୟ ଦଲିଲ୍ ଆଇନ, 1881, ଅନ୍ତର୍ଗତ କୌଣସି ପ୍ରତିକାର ଦିଗରେ ଅଗ୍ରସର ହେବା ସମୟରେ ସୁଧ ସହିତ ଲାଗୁ ହୋଇଥିବା ସମସ୍ତ ଖର୍ଚ୍ଚ ପାଇଁ ମଧ୍ୟ ଉତ୍ତରଦାୟୀ ହେବେ।

13.8 ପକ୍ଷଗୁଡ଼ିକର ଠିକଣାଗୁଡ଼ିକ ଅନୁସୂଚୀ ଅଧୀନରେ ଉଲ୍ଲେଖ ରହିବ। ତାଙ୍କର(ପୁ/ମ)/ସେମାନଙ୍କର ଠିକଣାରେ କୌଣସି ପରିବର୍ତ୍ତନ ହେଲେ ଋଣକର୍ତ୍ତା ଏବଂ ଗ୍ୟାରେଣ୍ଟର୍ ତୁରନ୍ତ "BAF" କୁ ଜଣାଇବେ।

13.9 କୌଣସି ଗୋଟିଏ ପକ୍ଷ ଅନ୍ୟ ଏକ ପକ୍ଷକୁ ଦିଆଯିବାକୁ ଥିବା ଏହି ଚୁକ୍ତି ଅଧୀନରେ ଆବଶ୍ୟକ କିମ୍ବା ଅନୁମୋଦିତ ଯେକୌଣସି ବିଜ୍ଞପ୍ତି କିମ୍ବା ଅନୁରୋଧ କେବଳ ଲିଖିତ ରୂପେ ଏବଂ ଅନୁସୂଚୀରେ ଉଲ୍ଲେଖିତ ହୋଇଥିବା ପରି ଅନ୍ୟ ପକ୍ଷଙ୍କର ଠିକଣାରେ କିମ୍ବା ଚୁକ୍ତିର ଧାରାବାହିକତା ସମୟରେ ପ୍ରଦାନ କରାଯାଇଥିବା ଅନ୍ୟ ଯେକୌଣସି ଠିକଣାରେ (କିମ୍ବା ଋଣକର୍ତ୍ତା ଏବଂ ଗ୍ୟାରେଣ୍ଟର୍‌ଙ୍କ କ୍ଷେତ୍ରରେ), "BAF" କୁ ଅନ୍ତିମ ରୂପେ ଜଣାଥିବା ଋଣକର୍ତ୍ତା/ଗ୍ୟାରେଣ୍ଟରଙ୍କ ଠିକଣାରେ) ପଠାଯିବ:

(କ) ଯଦି "BAF" ଦ୍ୱାରା ପ୍ରଦାନ କରାଯାଇଥାଏ, ବ୍ୟକ୍ତିଗତ ବିତରଣ ବା ଡେଲିଭରି, ଫ୍ୟାକ୍ସ କିମ୍ବା ଡାକ ଦ୍ୱାରା ପ୍ରଦାନ କରାଯାଇପାରେ ଏବଂ ଋଣକର୍ତ୍ତା / ଗ୍ୟାରେଣ୍ଟରଙ୍କ ଦ୍ୱାରା ପ୍ରାପ୍ତ କରାଯାଇଥାଏ କିମ୍ବା ପରିବେଷଣ କରାଯାଇଥିବା ବିବେଚନା କରାଯିବ, ଯଦି ବ୍ୟକ୍ତିଗତ ବିତରଣ ବା ଡେଲିଭରି ମାଧ୍ୟମରେ ଦିଆଯାଇଥାଏ, ଯେତେବେଳେ ବିତରଣ ହୋଇଥାଏ ଏବଂ ଯଦି ଡାକ ଦ୍ୱାରା କରାଯାଇଥାଏ ଋଣକର୍ତ୍ତା / ଗ୍ୟାରେଣ୍ଟରଙ୍କୁ ଅଗ୍ରଗାମୀ ସଞ୍ଚରଣ ପାଇଁ ତାଙ୍କର(ପୁ/ମ)/ସେମାନଙ୍କର ଜ୍ଞାତ/ସଂଶୋଧିତ ଠିକଣାରେ ପଞ୍ଜିକୃତ ଡାକ ଦ୍ୱାରା ପଠାଯିବାର 3 ଦିନ ସମାପ୍ତ ହେବା ପରେ ଏବଂ
(ଖ) ସମସ୍ତ ପତ୍ରାଳାପ ମାଧ୍ୟମରେ ଯୋଗାଯୋଗ କ୍ଷେତ୍ରରେ, ଏକାଉଣ୍ଟ ନମ୍ବର ତଥା ପୂର୍ଣ୍ଣ ପଞ୍ଜିକରଣ ବା ରେଜିଷ୍ଟ୍ରେସନ ନମ୍ବର ଋଣକର୍ତ୍ତା(ଗଣ) ଏବଂ ଗ୍ୟାରେଣ୍ଟର(ଗଣ)ଙ୍କ ଦ୍ୱାରା ଉଦ୍ଧୃତ କରାଯିବ।

13.10 ଋଣକର୍ତ୍ତାଗଣଙ୍କର ଉତ୍ତରଦାୟିତ୍ୱ, ଯଦି ଏକାଧିକ ହୋଇଥାଏ, ଯୁଗ୍ମ ଓ ପୃଥକ୍ ହେବ
ଏହି ଋଣ ପରିପ୍ରେକ୍ଷୀରେ ଋଣକର୍ତ୍ତାଗଣଙ୍କର ଉତ୍ତରଦାୟିତ୍ୱ ଯୁଗ୍ମ ଏବଂ ପୃଥକ୍ ହେବ।

14. ଦାବି ମୁକ୍ତ ଧାରା

ଯଦି ଏହି ଚୁକ୍ତିର କୌଣସି ବ୍ୟବସ୍ଥା/ ଧାରା/ଉପଧାରା କିମ୍ବା କୌଣସି ବ୍ୟକ୍ତି କିମ୍ବା ପରିସ୍ଥିତିକୁ ଏହାର ପ୍ରୟୋଗ କୌଣସି କାରଣ ପାଇଁ ଯଥା କୌଣସି ଆଇନ୍ କିମ୍ବା ନିୟମାବଳୀ କିମ୍ବା ସରକାରୀ ନୀତି କାରଣରୁ କୌଣସି ପରିସର ପର୍ଯ୍ୟନ୍ତ ଅବୈଧ କିମ୍ବା ଅଣବାଧ୍ୟତାମୂଳକ ହୋଇଥାଏ, ତେବେ ଅବୈଧ କିମ୍ବା ଅଣବାଧ୍ୟତାମୂଳକ ହୋଇଥିବା ବ୍ୟବସ୍ଥାଗୁଡ଼ିକୁ ବାଦ୍ ଦେଇ ଏହି ଚୁକ୍ତିର ଅବଶେଷାଂଶ ଏବଂ ବ୍ୟକ୍ତି କିମ୍ବା ପରିସ୍ଥିତିକୁ ଏହିଭଳି ବ୍ୟବସ୍ଥାର ପ୍ରୟୋଗ ତାହା ଫଳରେ ପ୍ରଭାବିତ ହେବ ନାହିଁ, ଏବଂ ଏହି ଚୁକ୍ତିର ପ୍ରତ୍ୟେକଟି ବ୍ୟବସ୍ଥା ଆଇନ୍ ଦ୍ୱାରା ଅନୁମୋଦିତ ବିସ୍ତାର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ବୈଧ ଏବଂ ବାଧ୍ୟତାମୂଳକ ହେବ।

15. ମଧ୍ୟସ୍ଥତା ଦ୍ୱାରା ନିଷ୍ପତ୍ତି

ଚୁକ୍ତି କିମ୍ବା ବୈଧତା କିମ୍ବା ଉଲ୍ଲଘଂନ କିମ୍ବା ଏହାର ଚୁକ୍ତି ଓ ସର୍ତ୍ତାବଳୀ ଘଟଣାରେ, ଏବଂ ଏହି ଚୁକ୍ତିର ବ୍ୟାଖ୍ୟା ଓ ପ୍ରବର୍ତ୍ତନକୁ ପରିଚାଳନା କରୁଥିବା ସମସ୍ତ ଦିଗଗୁଡ଼ିକ, ଏହା ସହିତ କରାଯାଇଥିବା ସିକ୍ୟୁରିଟି ଏବଂ ଲିଖିତ ପ୍ରମାଣ ସମ୍ବନ୍ଧରେ କିମ୍ବା ସେଥିରୁ ପକ୍ଷଗୁଡ଼ିକ ମଧ୍ୟରେ ଉତ୍ପନ୍ନ ହେଉଥିବା କୌଣସି ବିବାଦ, ଦାବି କିମ୍ବା ବିଭେଦତା ତାହା ସେ କ୍ଷେତ୍ରରେ, ତାହା ପକ୍ଷଗୁଡ଼ିକ ଦ୍ୱାରା ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ମୀମାଂସା କରାଯିବ। ଏହିଭଳି ବନ୍ଦୋବସ୍ତ ବିଫଳ ହେବା ଘଟଣାରେ, ମଧ୍ୟସ୍ଥତା ଦ୍ୱାରା ନିଷ୍ପତ୍ତି ଏବଂ ସନ୍ତୁଷ୍ଟୀକରଣ ଆଇନ୍, 1996 ଅନୁଯାୟୀ ଏବଂ ଭାରତୀୟ ମଧ୍ୟସ୍ଥତା ଦ୍ୱାରା ନିଷ୍ପତ୍ତି ପରିଷଦ ବା ଇଣ୍ଡିଆନ୍ କାଉନସିଲ୍ ଅଫ୍ ଆର୍ବିଟ୍ରେସନ୍‌ର ମଧ୍ୟସ୍ଥତା ମାଧ୍ୟମରେ ନିଷ୍ପତ୍ତିର ନିୟମଗୁଡ଼ିକ ଅନୁସାରେ, ମଧ୍ୟସ୍ଥତା ଦ୍ୱାରା ନିଷ୍ପତ୍ତି ପାଇଁ, ତାହାକୁ ଜଣେ ଏକମାତ୍ର ମୀମାଂସାକାରୀକୁ ପଠାଯିବ, ଯିଏକି BAF ଦ୍ୱାରା ନିଯୁକ୍ତ ହେବେ, ଏବଂ ସେହି ଏକମାତ୍ର ମୀମାଂସାକାରୀ ଦ୍ୱାରା ଦିଆଯାଇଥିବା ରାୟ ଚୂଡ଼ାନ୍ତ ହେବ ଏବଂ ପକ୍ଷଗୁଡ଼ିକ ଉପରେ ବାଧ୍ୟତାମୂଳକ ହେବ।
ଏହି ଚୁକ୍ତିର ଏକ ସର୍ତ୍ତ ହେଉଛି ଯେ ମୂଳତଃ ପଠାଯାଇଥିବା ଏହିଭଳି ଜଣେ ମୀମାଂସାକାରୀଙ୍କ ମୃତ୍ୟୁ ହେବା କିମ୍ବା କୌଣସି କାରଣ ପାଇଁ କାର୍ଯ୍ୟ କରିବାକୁ ଅସମର୍ଥ ହେବା ଘଟଣାରେ, BAF ମୀମାଂସାକାରୀ ଭାବେ କାର୍ଯ୍ୟ କରିବା ପାଇଁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତ କରିବେ। ସେହି ବ୍ୟକ୍ତି ତାଙ୍କର(ପୁ/ମ)/ସେମାନଙ୍କର ପୂର୍ବାଧିକାରୀଙ୍କ ଦ୍ୱାରା ଏହା ଯେଉଁଠାରେ ଛଡ଼ା ଯାଇଥିଲା ସେହି ଠାରୁ ପ୍ରସଙ୍ଗ ବା ରେଫରେନ୍ସ ସହିତ ଅଗ୍ରସର ହେବା ପାଇଁ ହକ୍‌ଦାର ହେବେ।
ଏହି ମଧ୍ୟସ୍ଥତା ଦ୍ୱାରା ନିଷ୍ପତ୍ତି କାର୍ଯ୍ୟପଦ୍ଧାର ସ୍ଥାନ ନୂଆଦିଲ୍ଲୀ କିମ୍ବା BAF ର ଶାଖା କାର୍ଯ୍ୟାଳୟ ହୋଇଥାଏ, ଯେଉଁଟି ଏଥିପାଇଁ ନିଯୁକ୍ତ ଆର୍ବେଟ୍ରେଟର୍‌ଙ୍କ ପାଇଁ ସୁବିଧାଜନକ/ଉପଯୁକ୍ତ ବୋଲି ବିଚାର କରାଯାଇଥାଏ।

16. ନ୍ୟାୟିକ ଅଧିକାରର ପରିସର

ଏବଂ ଏଠାରେ ଉପରୋକ୍ତ ବିଷୟ ପାଇଁ ପ୍ରଦାନ କରାଯାଇନଥିବା ଅନ୍ୟ ସମସ୍ତ ଘଟଣା ପାଇଁ ନୂଆଦିଲୀରେ ଅବସ୍ଥିତ ଅଦାଲତ କିମ୍ବା ଶାଖା କାର୍ଯ୍ୟାଳୟ କିମ୍ବା BAF ର କେବଳ ନ୍ୟାୟିକ ଅଧିକାର ରହିବ।
ଭାରତର ଆଇନ୍‌ଗୁଡ଼ିକ ଏହି ଚୁକ୍ତି, ସିକ୍ୟୁରିଟି ଏବଂ ଏଥି ସହିତ କରାଯାଇଥିବା ଅନ୍ୟ ଲିଖିତ ପ୍ରମାଣକୁ ପରିଚାଳନା କରିବ।

ସ୍ୱୀକାର-

ମୁଁ/ଆମେ ଉପରେ ନାମିତ ଋଣକର୍ତ୍ତା(ଗଣ) ଏବଂ ଗ୍ୟାରେଣ୍ଟର୍(ଗଣ) ଏତଦ୍ୱାରା ଘୋଷଣା କରୁଛୁ ଯେ-
i. ମୁଁ/ଆମେ ସମ୍ପୂର୍ଣ୍ଣ ଚୁକ୍ତି ପଢ଼ିଛୁ ଏବଂ ବୁଝିଛୁ / ତାହା ମୋତେ/ଆମକୁ ମୋର/ଆମର ମାତୃଭାଷାରେ ପଢ଼ି ଶୁଣାଇ ଦିଆଯାଇଛି/ବୁଝାଇ ଦିଆଯାଇଛି ଯଥା ଅନୁସୂଚୀରେ ପ୍ରଦତ୍ତ ଗୁରୁତ୍ୱପୂର୍ଣ୍ଣ ସବିଶେଷ ବିବରଣୀ, ଯାହାକି ମୋ/ଆମ ଉପସ୍ଥିତିରେ ପୂରଣ କରାଯାଇଛି।
ii. ମୁଁ/ଆମେ ଏହି ଚୁକ୍ତିର ବିଷୟବସ୍ତୁର ସତ୍ୟତା ନିର୍ଣ୍ଣୟ କରିବା ସହିତ ବୁଝିବା ପରେ ମୋର/ଆମର ଦସ୍ତଖତ ଦେଇଛୁ।
iii. ମୁଁ/ଆମେ ରାଜି ହୋଇଛୁ ଏବଂ BAF କୁ ମୋ/ଆମ ସହିତ ଲିଖିତ କିମ୍ବା ଅନ୍ୟ ଉପାୟରେ, କେବଳ ଇଂରାଜୀ ଭାଷାରେ କୌଣସି ଯୋଗାଯୋଗ କରିବାକୁ ଅନୁମତି ଦେଇଛୁ।
ସାକ୍ଷୀଙ୍କ କ୍ଷେତ୍ରରେ ଯେଉଁଠାରେ ପକ୍ଷଗୁଡ଼ିକ ଅନୁସୂଚୀରେ ଲେଖାଯାଇଥିବା ଦିନ ଓ ବର୍ଷରେ ଏହିସବୁ ଅର୍ଥ ପାଇବା ପାଇଁ ହସ୍ତାନ୍ତର କାର୍ଯ୍ୟଗୁଡ଼ିକ ସମ୍ପାଦନ ହୋଇଛି / ସମ୍ପାଦନ ହେବାକୁ ଅଛି , ସେ କ୍ଷେତ୍ରରେ ନିମ୍ନରେ ତାଙ୍କର ସୂଚନା ରହିଛି।

*ରଣକର୍ତ୍ତାଙ୍କ ପାଇଁ

☞ ରଣକର୍ତ୍ତା ____________________ X ସହ-ରଣକର୍ତ୍ତା ____________________ ✓ ଗ୍ୟାରେଣ୍ଟର୍ ____________________

ସାକ୍ଷୀ: ସ୍ୱାକ୍ଷର: ____________________ ସ୍ୱାକ୍ଷର: ____________________
ନାମ: ____________________ ନାମ: ____________________
ଠିକଣା: ____________________ ଠିକଣା: ____________________
____________________ ____________________

ବୁସନ୍ ଅଟୋ ଫାଇନାନ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (Bussan Auto Finance India Private Limited) ନିମନ୍ତେ
ଏହାଙ୍କ ଦ୍ୱାରା ସ୍ୱାକ୍ଷରିତ ଏବଂ ବିତରିତ ହୋଇଛି
ବୁସନ୍ ଅଟୋ ଫାଇନାନ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (Bussan Auto Finance India Private Limited) ଏହାର
ପ୍ରାଧିକୃତ ହସ୍ତାକ୍ଷରକାରୀଙ୍କ ଦ୍ୱାରା : ଶ୍ରୀଯୁକ୍ତ/ ଶ୍ରୀମତୀ ____________________

ପ୍ରାଧିକୃତ ହସ୍ତାକ୍ଷରକାରୀ